## ଅଲ୍ଲାଃ ତାଲାଙ୍କ ବାଣୀ

لٰكِنِ الَّذِيْنَ اتَّقَوْا رَبَّهُمْ لَهُمْ جَنّٰتٌ تَجْرِيْ مِنْ تَحْتِهَا الْاَنْهٰرُ خٰلِدِيْنَ فِيْهَا نُزُلًا مِّنْ عِنْدِ اللّٰهِ ۭ وَمَا عِنْدَ اللّٰهِ خَيْرٌ لِّلْاَبْرَارِ ۝ (آل عمران:199)

ଅନୁବାଦ- କିନ୍ତୁ ଯେଉଁମାନେ ନିଜର ପାଳନକର୍ତ୍ତାଙ୍କୁ ଭୟ କରୁଅଛନ୍ତି ସେମାନଙ୍କ ପାଇଁ ଏପରି ଉଦ୍ୟାନ ଅଛି ଯାହାର ନିମ୍ନ ଦେଶରେ ଝରଣା ପ୍ରଭାବିତ ହେଉଅଛି; ସେମାନେ ସେଠାରେ ରହି ଚାଲିବେ; ଏହା ସେମାନଙ୍କ ପାଇଁ ଅଲ୍ଲାଃଙ୍କ ତରଫରୁ ଆତିଥ୍ୟତା ସ୍ୱରୂପ ହେବ ଏବଂ ଯାହା କିଛି ଅଲ୍ଲାଃଙ୍କ ନିକଟରେ ଅଛି ତାହା ପୂଣ୍ୟବାନ୍ ଲୋକଙ୍କ ପାଇଁ ଅତି ଉତମ ।

*(ଆଲେ ଇମରାନ୍: ୧୯୯)*


بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 5

ସଂଖ୍ୟା 20

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

14 ମଇ 2020 | 14 ହିଜ୍‌ରତ୍ 1399 ହି.ଶ | 20 ରମଜାନ୍ 1441 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ନିଜର ସାହାସ ଓ ପ୍ରଚେଷ୍ଟାରେ ଗର୍ବ କରନାହିଁ ଓ ଏକଥା ଭାବ ନାହିଁ ଯେ ଏହି ସଫଳତା ଆମର କୌଣସି ଯୋଗ୍ୟତା ବା ପରିଶ୍ରମର ଫଳ ବୋଲି ବରଂ ଏକଥା ଭାବ ଯେ ଏହି ସଦାକରୁଣାମୟ ଖୁଦା, ଯିଏ କେବେ ବି କାହାର ସଚ୍ଚା ପରିଶ୍ରମକୁ ନଷ୍ଟ କରନ୍ତି ନାହିଁ, ସେ ଆମ ପରିଶ୍ରମର ଫଳ ଦେଇଛନ୍ତି ।**

---

**ମୋର ଏ ବିଶ୍ୱାସ ଯେ ଯଦି ମନୁଷ୍ୟ ଦୁନିଆରେ ପ୍ରତ୍ୟେକ ପ୍ରକାରର ଅପମାନ ଓ କଠିନତାରୁ ବଂଚିବାକୁ ଚାହେଁ ତେବେ ତା ପାଇଁ ଗୋଟିଏ ହିଁ ମାର୍ଗ ରହିଛି ଯେ, ସେ ଧର୍ମପରାୟଣ ହୋଇଯାଉ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ସାଂସାରିକ ସଫଳତା ଓ ଖୁସି ଚିରସ୍ଥାୟୀ ନୁହେଁ

ମଣିଷକୁ ପ୍ରତ୍ୟେକ ସଫଳତାର ଅବସରରେ ଖୁସି ମିଳିଥାଏ । ପବିତ୍ର କୁର୍‌ଆନ୍‌ରୁ ତିନି ପ୍ରକାରର ଖୁସି ଜ୍ଞାତ ହୋଇଥାଏ, ଲହୁ (ଆମୋଦ), ଲଅବ୍ (ପ୍ରମୋଦ) ଏବଂ ତଫାଖୁର୍ (ଗର୍ବ ଅହଙ୍କାର) । ଲହୁରେ ଖାଇବା ପିଇବା ସାମାନ ସାମିଲ ହୋଇଥାଏ, ଲାଅବ ରେ ବିବାହ ଇତ୍ୟାଦିର ଖୁସି ଏବଂ ତଫାଖୁର ରେ ଧନସମ୍ପତି ଇତ୍ୟାଦିର ଖୁସି । ଏହି ତିନିପ୍ରକାର ଖୁସି ରହିଛି, ଏତଦ୍‌ବ୍ୟତିତ ଆଉ କୌଣସି ଖୁସି ନାହିଁ । କିନ୍ତୁ ମନେରଖ ଯେ ସଫଳତା ଓ ଏ ସମସ୍ତ ଖୁସି ଚିରସ୍ଥାୟୀ ନୁହେଁ ବରଂ ଯଦି ଏଥି ସହିତ ମନ ଲଗାଇବ ତେବେ ଭିଷଣ ଅସୁବିଧା ହେବ । ଧିରେ ଧିରେ ଏପରି ଏକ ସମୟ ଆସିଯାଏ ଯେ ଏହି ଖୁସିର ଦିନସବୁ କଟୁତାରେ ବଦଳିଯାଏ ।

ସାଂସାରିକ ସଫଳତା ବିପତି ରହିତ ହୋଇନଥାଏ । ପବିତ୍ର କୁର୍‌ଆନ୍‌ରେ ଆସିଛି **ଖଲକଲ୍ ମୌତା ଓ୍ୱଲ୍ ହୟାତା ଲିୟବ୍‌ଲୁଓ୍ୱକୁମ୍** (ଅଲମୁଲକ: ୩) ଅର୍ଥାତ ମୃତ୍ୟୁ ଓ ଜୀବନକୁ ସୃଷ୍ଟି କରିଛି ଯଦ୍ୱାରା ଆମେ ତୁମର ପରୀକ୍ଷା ନେବୁ । ସଫଳତା ଓ ଅସଫଳତା ମଧ୍ୟ ଜୀବନ ଓ ମୃତ୍ୟୁର ପ୍ରଶ୍ନ ହୋଇଥାଏ । ସଫଳତା ଏ ପ୍ରକାରର ଜୀବନ ହୋଇଥାଏ । ଯେବେ କାହାକୁ ନିଜ ସଫଳତାର ଖବର ପହଂଚିଯାଏ ସେତେବେଳେ ତା'ଠାରୁ ଜୀବନ ସଂଚାର ହୋଇଥାଏ ଏବଂ ଯେପରି ତାକୁ ନୂଆ ଜୀବନ ମିଳିଗଲା । ଏବଂ ଯଦି ଅସଫଳ ହେବାର ଖବର ଆସେ, ସେ ଜିଅନ୍ତା ମରିଯାଇଥାଏ ଓ ବେଳେ ବେଳେ ଏପରି ବହୁତ ଦୃବଳ ହୃଦୟ ଲୋକେ ମଧ୍ୟ ଜୀବନ ହାରି ଦେଇଥାନ୍ତି ।

ଏକଥା ମଧ୍ୟ ମନେରଖିବା ଉଚିତ ଯେ ସାଧାରଣ ଜୀବନ ଓ ମୃତ୍ୟୁ ତ ଏକ ସହଜ କଥା କିନ୍ତୁ ନର୍କପୁର୍ଣ୍ଣ ଜୀବନ ଓ ମୃତ୍ୟୁ ହେଉଛି କଠିନତମ ବିଷୟ । ପୂଣ୍ୟବନ୍ତ ବ୍ୟକ୍ତି ଅସଫଳତା ପରେ ସଫଳତା ଲାଭ କରି ଆହୁରି ମଧ୍ୟ ପୂଣ୍ୟବାନ ହୋଇଯାଏ ଓ ଖୁଦାତାଲାଙ୍କ ଉପରେ ତା'ର ବିଶ୍ୱାସ ବଢ଼ିଯାଏ । ଯେତେବେଳେ ସେ ଏହା ଚିନ୍ତନ କରିଥାଏ ଯେ ମୋ ଖୁଦା ହେଉଛନ୍ତି ଏପରି, ସେତେବେଳେ ତାକୁ ଏକ ପ୍ରକାରର ମଜା ଆସିଥାଏ । ଏବଂ ସାଂସାରିକ ସଫଳତା ଖୁଦାଙ୍କୁ ଚିହ୍ନିବାର ଏକ ବାହାନା ହୋଇଯାଇଥାଏ । ଏହିପରି ଲୋକଙ୍କ ପାଇଁ ଏହି ସାଂସାରୀକ ସଫଳତା ସବୁ ବାସ୍ତବିକ ସଫଳତାର ଏକ ମାଧ୍ୟମ ହୋଇଯାଏ । (ଯାହାକୁ ଇସ୍‌ଲାମୀୟ ପରିଭାଷାରେ **ଫଲାହ୍** କୁହାଯାଏ) । ମୁଁ ତୁମକୁ ସତ୍ୟ କହୁଅଛି ଯେ ପ୍ରକୃତ ଖୁସି, ପ୍ରକୃତ ଆନନ୍ଦ ସଂସାର ଓ ସାଂସାରିକ ବସ୍ତୁରେ କଦାପି ମିଳେନାହିଁ । ବାସ୍ତବିକ କଥା ହେଉଛି ଏହା କି ସଂସାରର ସମସ୍ତ ବିଭାଗକୁ ଦେଖିବା ପରେ ମଧ୍ୟ ମଣିଷ ସଚ୍ଚା ଏବଂ ଚିରସ୍ଥାୟୀ ସୁଖ ହାସଲ କରିପାରେ ନାହିଁ । ତୁମେ ଏହା ଦେଖୁଅଛ କି ଧନୀ ଲୋକମାନେ କିପରି ଅଧିକା ଧନ ସମ୍ପତି ରଖିବା ଯୋଗୁଁ ସବୁ ସମୟ ପ୍ରଫୁଲ୍ଲିତ ରହୁଛନ୍ତି କିନ୍ତୁ ସେମାନଙ୍କର ଅବସ୍ଥା **ଯର୍‌ବ୍** ଅର୍ଥାତ କୁଣ୍ଡିଆ ରୋଗୀଙ୍କ ସଦୃଶ ହୋଇଥାଏ । ଯାହାକୁ କୁଣ୍ଡେଇବା ଦ୍ୱାରା ଆରାମ୍ ମିଳିଥାଏ କିନ୍ତୁ ଏହି କୁଣ୍ଡିଆଣିର ପରିଣାମ କଣ ହୋଇଥାଏ ? ଏହା କି ରକ୍ତ ବାହାରିଥାଏ । ଅତଏବ୍ ଏହି ସାଂସାରିକ ଓ ଅସ୍ଥାୟୀ ସଫଳତା ଉପରେ ଏତେ ମାତ୍ରାରେ ଖୁସି ହୋଇ ନ ଯାଅ କି ବାସ୍ତବିକ ସଫଳତାରୁ ଦୁରେଇ ଯାଅ । ବରଂ ଏହି ସଫଳତାକୁ ଖୁଦାଙ୍କୁ ଚିହ୍ନିବାର ଏକ ମାଧ୍ୟମ କରିଦିଅ । ନିଜର ସାହସ ଓ ଚେଷ୍ଟା ଯୋଗୁଁ ଅଭିମାନ କରନାହିଁ ଓ ଏକଥା ଭାବନାହିଁ ଯେ ଏହି ସଫଳତା ଆମର କୌଣସି ଯୋଗ୍ୟତା ଓ ପରିଶ୍ରମର ଫଳ ବୋଲି ବରଂ ଏହା ଭାବ ଯେ ସେହି କରୁଣାମୟ ଖୁଦା, ଯିଏ କେବେ ହେଲେ କାହାର ସଚ୍ଚା ପରିଶ୍ରମକୁ ନଷ୍ଟ କରନ୍ତି ନାହିଁ, ସେ ଆମ ପରିଣାମକୁ ସାକାର କରିଛନ୍ତି । ନଚେତ କଣ ତୁମେ ଦେଖୁନାହଁ ଯେ ଶହ ଶହ ଶିକ୍ଷାର୍ଥୀ ପ୍ରତିଦିନ ଫେଲ୍ ହେଉଛନ୍ତି । କଣ ସେମାନେ ସମସ୍ତେ ପରିଶ୍ରମ ନ କରିବାବାଲା ଓ ବିଲ୍‌କୁଲ୍ ମୂର୍ଖ ଓ ପାଷାଣ୍ଡ ? ନୁହେଁ ବରଂ କେତେକ ଏପରି ବୁଦ୍ଧିମାନ ଓ ଚତୁର ଥାଆନ୍ତି ଯେ ପାସ୍ ହୋଇଥିବା ପିଲାମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ମୁକାବିଲାରେ ସେମାନେ ନିପୁଣ ଓ ଯୋଗ୍ୟ ହୋଇଥାନ୍ତି । ତେଣୁ ଏହା ଜରୁରୀ ଅଟେ କି ମୋମିନ୍ ପ୍ରତ୍ୟେକ ସଫଳତା ମିଳିବାରେ ଅଲ୍ଲାଃ ତାଲାଙ୍କ ନିକଟରେ ନତମସ୍ତକ ହୋଇ କୃତଜ୍ଞତା ଜ୍ଞାପନ କରୁ ଯେ ସେ ପରିଶ୍ରମକୁ ବୃଥା ତ କଲାନାହିଁ । ଏହି କୃତଜ୍ଞତାର ଫଳ ଏହା ହେବ ଯେ ଅଲ୍ଲାଃ ତାଲାଙ୍କ ସହିତ ପ୍ରେମ ବଢ଼ିବ ଓ ଇମାନ୍ (ବିଶ୍ୱାସ) ବୃଦ୍ଧି ହେବ ଓ ନା କେବଳ ଏତିକି ବରଂ ଆହୁରି ମଧ୍ୟ ସଫଳତା ମିଳିବ । କାରଣ ଖୁଦାତାଲା କହୁଛନ୍ତି ଯେ ଯଦି ତୁମେମାନେ କୃତଜ୍ଞ ହେବ ତେବେ ଆମ୍ଭେ ତୁମ ଉପରେ ଅଧିକ କୃପା କରିବୁ ଏବଂ ଯଦି ତୁମେମାନେ ଏହି କୃପାକୁ ଅସ୍ୱୀକାର କରିବ ତେବେ ମନେରଖ କଠୋର ଶାସ୍ତି ପାଇବ ।

### ମୋମିନ୍ (ବିଶ୍ୱାସକାରୀ) ଏବଂ କାଫିର (ଅବିଶ୍ୱାସକାରୀ)ଙ୍କ ସଫଳତାର ଫରକ

ଏହି ସିଦ୍ଧାନ୍ତକୁ ସର୍ବଦା ଆଖି ଆଗରେ ରଖ । ମୋମିନ୍‌ର କାର୍ଯ୍ୟ ହେଉଛି ଏହା କି ତାକୁ କୌଣସି ସଫଳତା ମିଳିଲେ ସେ ଲଜ୍ଜିତ ହୋଇଯାଏ ଏବଂ ଖୁଦାଙ୍କ ଗୁଣଗାନ କରିଥାଏ ଯେ ସେ ହିଁ ଏହି ନିଜର କୃପା କରିଛନ୍ତି । ଏହିପରି ସେ ଆଗକୁ ପାଦ ଥାପିଥାଏ ଏବଂ ପ୍ରତ୍ୟେକ ବିପତିରେ ଦୃଢ଼ପଦ ରହି ପୁରସ୍କୃତ ହୋଇଥାଏ । ପ୍ରକାଶ୍ୟରେ ଜଣେ ହିନ୍ଦୁ ଓ ଜଣେ ମୋମିନ୍ ର ସଫଳତା ଏକ ପ୍ରକାର ସମାନ ହୋଇଥାଏ କିନ୍ତୁ ମନେରଖ ଯେ କାଫିର୍‌ର ସଫଳତା ପଥଭ୍ରଷ୍ଟତାର ମାର୍ଗ ଅଟେ ଏବଂ ମୋମିନ୍‌ର ସଫଳ ହେବା ତା' ପାଇଁ ପୁରସ୍କାରର ଦ୍ୱାର ଖୋଲିଦିଏ । କାଫିର୍‌ରର ସଫଳତା ଏଥଯୋଗୁଁ ପଥଭ୍ରଷ୍ଟତା ଆଡ଼କୁ ନେଇଯାଇଥାଏ ଯେ ସେ ଖୁଦାଙ୍କ ଆଡ଼କୁ ଆସେ ନାହିଁ ବରଂ ନିଜର ପରିଶ୍ରମ, ବୁଦ୍ଧି ଏବଂ ଯୋଗ୍ୟତାକୁ ଖୁଦା ବନାଇ ଦିଏ କିନ୍ତୁ ମୋମିନ୍ ଖୁଦାଙ୍କ ଆଡ଼କୁ ଆସି ଖୁଦାଙ୍କ ସହିତ ଏକ ନୂଆ ପରିଚୟ ସୃଷ୍ଟି କରିଥାଏ । ଏହିପରି ପ୍ରତ୍ୟେକ ସଫଳତା ପରେ ତା'ର ଖୁଦାଙ୍କ ସହିତ ଏକ ନୂଆ ମାମାଲା ଆରମ୍ଭ ହୋଇଯାଏ ଓ ଏଥିରେ ପରିବର୍ତନ ହେବାକୁ ଲାଗେ **ଇନ୍ନଲ୍ଲାହା ମାଅଲ୍ଲଜିନାତ୍ ତକ୍‌ଓ** (ନହଲ୍: ୧୨୯) ଅର୍ଥାତ ଖୁଦା ଧର୍ମପରାୟଣଙ୍କ ସହିତ ଥାନ୍ତି । ମନେ ରଖିବା ଉଚିତ ଯେ ପବିତ୍ର କୁର୍‌ଆନ୍‌ରେ ତକ୍‌ଓ୍ୱା ଶବ୍ଦଟି ବହୁବାର ଆସିଛି । ଏହାର ଅର୍ଥ ତା'ପୂର୍ବ ଶବ୍ଦ ସହିତ ଯୋଡ଼ିକରି କରାଯାଏ । ଏଠାରେ ମାଆ ଶବ୍ଦ ଆସିଛି ଅର୍ଥାତ ଯିଏ ଖୁଦାଙ୍କୁ ପ୍ରାଥମିକତା ଦେଇଥାଏ, ଖୁଦା ତାକୁ ପ୍ରାଥମିକତା ଦେଇଥାନ୍ତି ଓ ସେ ଦୁନିଆର ସମସ୍ତ ଅପମାନରୁ ବଂଚାଇଥାନ୍ତି । ମୋର ଏ ବିଶ୍ୱାସ ଯେ ଯଦି ମନୁଷ୍ୟ ଏ ଦୁନିଆରେ ସମସ୍ତ ଅପମାନ ଓ ଅସୁବିଧାରୁ ବଂଚିବାକୁ ଚାହେଁ ତେବେ ଗୋଟିଏ ହିଁ ମାର୍ଗ ଅଛି ଯେ **ମୁତ୍‌ତକି** (ଧର୍ମପରାୟଣ) ହୋଇଯାଉ । ତା'ପରେ ପୁଣି ତାକୁ କିଛି ଅଭାବ ହେବ ନାହିଁ । ସୁତରାଂ ମୋମିନ୍‌ର ସଫଳତା ତା'କୁ ଆଗକୁ ନେଇଯାଏ ଓ ସେ ସେହିଠାରେ ହିଁ ରହିଯାଏ ନାହିଁ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୩୪ ପ୍ରକାଶନ୨୦୧୮ କାଦିୟାନ)*

# :ଦରସୁଲ୍ କୁର୍ଆନ୍:

## ପବିତ୍ର କୁର୍ଆନ୍ର ଶେଷ ତିନୋଟିଯାକ ସୁରାଃର ଦରସ୍

ହଜ୍ରତ୍ ଅକ୍ଦସ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନ ଯୋଗୁଁ ଉଦୟ ହୋଇଥିବା ପ୍ରତ୍ୟୁଷରୁ ଲାଭ ଉଠାଇବା ପାଇଁ ତତ୍ସହିତ ଏହି ସୁରାଃଗୁଡ଼ିକରେ ବର୍ଣ୍ଣିତ ଦୁଆ ଓ ନିଜ କର୍ମ ଦ୍ୱାରା ଦଜ୍ଜାଲ୍ର ଚକ୍ରାନ୍ତରୁ ବଂଚିବା ପାଇଁ ଉପଦେଶ ।

ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ବର୍ଣ୍ଣିତ ତଫ୍ସୀର୍ (ବ୍ୟାଖ୍ୟା) ଅନୁସାରେ ଏହି ସୁରାଃ ଗୁଡ଼ିକର ବିଷୟ ବସ୍ତୁ ଉପରେ ଜ୍ଞାନବର୍ଦ୍ଧକ ଚର୍ଚ୍ଚା

କେତେକ ମସ୍ନୁନ୍ ଦୁଆ ଏବଂ ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କର କେତେକ ଏଲ୍ହାମି (ଈଶ୍ୱରୀୟ) ଦୁଆର ଚର୍ଚ୍ଚା

### ଇଜ୍ତିମାଇ ଦୁଆ (ସାମୁହିକ ପ୍ରାର୍ଥନା)

ସୟଦନା ଅମୀରୁଲ୍ ମୁମିନିନ୍ ହଜ୍ରତ୍ ମିର୍ଜା ମସ୍ରୁର୍ ଅହ୍ମଦ୍ ଖଲିଫତୁଲ୍ ମସିହ ପଂଚମ ଅ:ବ:ଅଙ୍କ ଦରସୁଲ୍ କୁର୍ଆନ୍ ।
ପ୍ରଦତ ୪ ଜୁନ୍ ୨୦୧୯ ମୁତାବକ ୪ ଏହ୍ସାନ୍ ୧୩୯୮ ହିଜ୍ରି ଶମ୍ସି, ୨୯ ରମ୍ଜାନୁଲ୍ ମୁବାରକ ୧୪୪୦
ହିଜ୍ରି କମ୍ରି ସ୍ଥାନ: ମସ୍ଜିଦ୍ ମୁବାରକ, ଇସ୍ଲାମାବାଦ (ଟିଲ୍ଫୋର୍ଡ଼୍, ସୁରେ) ୟୁ.କେ ।

أَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔
قُلْ هُوَ اللّٰهُ اَحَدٌ ۔ اَللّٰهُ الصَّمَدُ ۔ لَمْ يَلِدْ وَلَمْ يُوْلَدْ ۔ وَلَمْ يَكُنْ لَّهٗ كُفُوًا اَحَدٌ ۔

بِسْمِ اللّٰهِ الرَّحْمٰنِ الرَّحِيْمِ
قُلْ اَعُوْذُ بِرَبِّ الْفَلَقِ ۔ مِنْ شَرِّ مَا خَلَقَ ۔ وَمِنْ شَرِّ غَاسِقٍ اِذَا وَقَبَ ۔
وَمِنْ شَرِّ النَّفّٰثٰتِ فِي الْعُقَدِ ۔ وَمِنْ شَرِّ حَاسِدٍ اِذَا حَسَدَ

بِسْمِ اللّٰهِ الرَّحْمٰنِ الرَّحِيْمِ
قُلْ اَعُوْذُ بِرَبِّ النَّاسِ ۔ مَلِكِ النَّاسِ ۔ اِلٰهِ النَّاسِ ۔ مِنْ شَرِّ الْوَسْوَاسِ الْخَنَّاسِ ۔
الَّذِيْ يُوَسْوِسُ فِيْ صُدُوْرِ النَّاسِ ۔ مِنَ الْجِنَّةِ وَالنَّاسِ ۔

ସୁରାଃ ଏଖ୍ଲାସ୍ର ଅନୁବାଦ ହେଉଛି ଏପରି କି: ତୁମେ କହିଦିଅ ଯେ ସେ ହିଁ ଅଲ୍ଲାଃ, ଯେ କି ଅଦ୍ୱିତୀୟ । ସେହି ଅଲ୍ଲାଃ, ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ । ସେ କାହାକୁ ପ୍ରସବ କରିନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇ ନାହିଁ । ଏବଂ (ଗୁଣାବାଳୀ ଦୃଷ୍ଟିରୁ) କେହି ତାହାଙ୍କର ସମକକ୍ଷ ନୁହନ୍ତି ।

ପୁଣି ସୁରାଃ ଫଲକ୍: ଏହାର ଅନୁବାଦ ଏପରି କି: ତୁମେ କହିଦିଅ ଯେ ମୁଁ ବସ୍ତୁକୁ ଫାଳକରି ନୂଆ ବସ୍ତୁ ସୃଷ୍ଟି କରୁଥିବା ପାଳନକର୍ତାଙ୍କ ନିକଟରେ ଆଶ୍ରୟ ଭିକ୍ଷା କରୁଅଛି, "ସେ ସୃଷ୍ଟି କରିଥିବା ପ୍ରତ୍ୟେକଙ୍କର (ପ୍ରକାଶ୍ୟ ଓ ଗୁପ୍ତ) କୁକର୍ମରୁ ଏବଂ ଅନ୍ଧକାର ସୃଷ୍ଟିକାରୀର ପ୍ରତ୍ୟେକ ଚକ୍ରାନ୍ତରୁ (ରକ୍ଷା ପାଇବା ପାଇଁ) ଯେତେବେଳେ ସେ ଅନ୍ଧକାର କରିଥାଏ ଏବଂ ସେଭଳି ସମସ୍ତ ପ୍ରାଣୀମାନଙ୍କ ଚକ୍ରାନ୍ତରୁ (ରକ୍ଷା ପାଇବା ସକାଶେ ମଧ୍ୟ) ଯେଉଁମାନେ (ପାରସ୍ପରିକ ସମ୍ପର୍କର) ବନ୍ଧନକୁ (ଛିନ୍ନ କରାଇବା ଉଦ୍ଦେଶ୍ୟରେ) ପ୍ରରୋଚିତ କରନ୍ତି," "ଏବଂ ପ୍ରତ୍ୟେକ ଇର୍ଷାକାରୀର ଚକ୍ରାନ୍ତରୁ (ମଧ୍ୟ) ଯେତେବେଳେ କି ସେ ହିଂସା କରିବାକୁ ଅଡ଼ିବସେ ।"

ସୁରାଃ ନାସ୍ର ଅନୁବାଦ ହେଉଛି ଏପରି କି: ତୁମେ କହିଦିଅଯେ "ମୁଁ ମାନବ ସମାଜର ପାଳନକର୍ତାଙ୍କ ନିକଟରେ ତାହାଙ୍କର ଆଶ୍ରୟ ଭିକ୍ଷା କରୁଅଛି (ସେ ପାଳନକର୍ତା) ଯେ କି ମାନବ ସମାଜର ସମ୍ରାଟ ଏବଂ ମାନବ ସମାଜର ଉପାସ୍ୟ (ମୁଁ ତାହାଙ୍କର ଆଶ୍ରୟ ଭିକ୍ଷା କରୁଅଛି) ପ୍ରତ୍ୟେକ କୁମନ୍ତ୍ରଣାଦାତାର ଚକ୍ରାନ୍ତରୁ ଯେ (ପ୍ରତ୍ୟେକ ପ୍ରକାର କୁମନ୍ତ୍ରଣା ଦେଇ) ପଛକୁ ଫେରିଯାଏ (ଏବଂ) ଯେ ମଣିଷ ମାନଙ୍କ ମନରେ ସନ୍ଦେହମାନ ଜାତ କରା. ସେ (ବିଶୃଙ୍ଖଳା ସୃଷ୍ଟିକାରୀ) ଅଦୃଶ୍ୟ ରୁହଥିବା ସତାମାନଙ୍କ ମଧ୍ୟରୁ ହୋଇଥାଉ କି ସାଧାରଣ ମନୁଷ୍ୟମାନଙ୍କ ମଧ୍ୟରୁ ହୋଇ ଥାଉନା କାହିଁକି ।

ହଜ୍ରତ୍ ମସିହ୍ ମଉଦ୍ ଆ:ସ ସୁରଃ ଇଖ୍ଲାସ୍ ବିଷୟରେ ଗୋଟିଏ ସ୍ଥାନଳରେ କହୁଛନ୍ତି ଯେ "ସୁନ୍ଦରତା ହେଉଛି ଏପରି ଏକ ବସ୍ତୁ ଯାହା ପ୍ରତି ମନ ଟାଣିହୋଇଯାଏ ଓ ତାହାକୁ ଦେଖିବାପରେ ସ୍ୱତଃପୃତଃ ଭାବେ ପ୍ରେମ ସୃଷ୍ଟି ହୋଇଯାଏ ।" କହିଲେ "ଅଲ୍ଲାଃଙ୍କ ସୌନ୍ଦର୍ଯ୍ୟ ତାହାର ଏକେଶ୍ୱରବାଦ ଓ ତାହାର ମହାନତା ଏବଂ ଶ୍ରେଷ୍ଠତା ଓ ବିଶେଷଗୁଣରେ ନିହିତ ରହିଛି । ଯେମିତି କି ପବିତ୍ର କୁର୍ଆନ୍ କହୁଅଛି:

**କୁଲ୍ ହୁଓ୍ୱଲ୍ଲାହୁ ଆହାଦ୍- ଅଲ୍ଲାଃହୁସ୍ ସମଦ୍-ଲମ୍**
**ୟଲିଦ୍ ଓ୍ୱଲମ୍ ୟୁଲଦ୍ - ଓ୍ୱଲମ୍ ୟକୁଲ୍ଲହୁ କୁଫୁଓ୍ୱନ୍ ଆହାଦ୍ ।**

ଅର୍ଥାତ: ଖୁଦା ନିଜର ଅସ୍ତିତ୍ୱ, ବିଶେଷଗୁଣ ଏବଂ ପ୍ରତାପରେ ଏକ ଅଟନ୍ତି । ତାହାଙ୍କ ସମକକ୍ଷ କେହି ନୁହନ୍ତି । ସମସ୍ତେ ତାହାଙ୍କ ଉପରେ ନିର୍ଭରଶୀଳ । ଅଣୁ ଅଣୁ ତାହାଙ୍କଠାରୁ ଜୀବନ ପାଉଛନ୍ତି । ସେ ସକଳ ବସ୍ତୁର ଉତ୍ସ ଓ କୃପାନିଧି ଏବଂ ସେ କାହାଠାରୁ କୃପା ପାଏନାହିଁ ।" ସଂସାରର ପ୍ରତ୍ୟେକ ବସ୍ତୁକରୁ ସେ ତା'ର କୃପା ପ୍ରଦାନ କରିଥାଏ, ଦୁନିଆର ପ୍ରତ୍ୟେକ ବସ୍ତୁ ତାହାଙ୍କଠାରୁ ଲାଭ ପାଇଥାନ୍ତି କିନ୍ତୁ ତାଙ୍କୁ କାହାଠାରୁ କୃପା ପାଇବାର ଆବଶ୍ୟକ ନାହିଁ । "ସେ ନା ତ କାହାର ପୁତ୍ର ଅଟନ୍ତି ଏବଂ ନା କାହାର ବାପା ଏବଂ କାହିଁକି ହେବ କାରଣ ତାହାଙ୍କର କୌଣସି ସହଜାତ ନାହିଁ । ପବିତ୍ର କୁର୍ଆନ୍ ବାରମ୍ବାର ଖୁଦାଙ୍କ ପୂର୍ଣ୍ଣତା / ବିଶେଷତା କୁ ଉପସ୍ଥାପନ କରି ଏବଂ ତାହାଙ୍କ ବୈଶିଷ୍ଟ୍ୟତା ପେଶ୍ କରି ଲୋକମାନଙ୍କ ଧ୍ୟାନ କେନ୍ଦ୍ରିତ କରିଛି ଯେ ଦେଖ ଏହିଭଳି ଖୁଦା (ଈଶ୍ୱର) ମନକୁ ପସନ୍ଦ ନା କି ମୃତ, ଦୃବଳ, ସ୍ୱଳ୍ପ କରୁଣାମୟ ଏବଂ ସ୍ୱଳ୍ପ ଶକ୍ତିଶାଳୀ ଖୁଦା" (ଇସ୍ଲାମି ଅସୁଲ୍ କି ଫିଲାସଫି, ରୁହାନୀ ଖଜାଇନ୍, ଖଣ୍ଡ-୧୦, ପୃ-୧୪୭)

ପୁଣି ଅଲ୍ଲାଃଙ୍କ ନାମ ସମ୍ବନ୍ଧରେ ବର୍ଣ୍ଣନା କରି ଆପଣ ଆ:ସ କହୁଛନ୍ତି "ପବିତ୍ର କୁର୍ଆନ୍ର ପରିଭାଷାରେ ଅଲ୍ଲାଃ ହେଉଛନ୍ତି ଏପରି ଅସ୍ତିତ୍ୱର ନାମ ଯାହାର ସମସ୍ତ ସୁଗୁଣ ସୌନ୍ଦର୍ଯ୍ୟ ଏବଂ ବଦାନ୍ୟତା ପୂର୍ଣ୍ଣତାର କେନ୍ଦ୍ରବିନ୍ଦୁରେ ପହଂଚିଯାଇଥିବ ଏବଂ କୌଣସି ଦୋଷ ଦୃବଳତା ତାହାଙ୍କ ଅସ୍ତିତ୍ୱରେ ନଥିବ । ପବିତ୍ର କୁର୍ଆନ୍ରେ ସମସ୍ତ ବିଶେଷ ଗୁଣର ଅଧିକାରୀ କେବଳ ଅଲ୍ଲାଃଙ୍କ ନାମକୁ ହିଁ ଅଭିହିତ କରାଯାଇଛି ।" ଅର୍ଥାତ ଏହି ସମସ୍ତ ବିଶେଷଗୁଣ ଗୁଡ଼ିକ ଅଲ୍ଲାଃଙ୍କ ନାମରେ ହିଁ ମିଳିଥାଏ । "ଏହାଦ୍ୱାରା ଏକଥା ପ୍ରତି ଇଶାରା ରହିଛି ଯେ ଅଲ୍ଲାଃଙ୍କ ନାମ ସେତେବେଳେ

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ...*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଆଜିକାଲି ଦୁଆ, ଦୁଆ ଏବଂ ଦୁଆ ଉପରେ ବହୁତ ଜୋର୍ ଦିଅନ୍ତୁ । ଅଲ୍ଲାଃ ତାଲା ଯମାତ୍‌ର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏବଂ ସମସ୍ତ ଯାମତ୍‌କୁ ମଧ୍ୟ ପ୍ରତିକ୍ଷେତ୍ରରୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ।

ମହାମାରୀ ପଡ଼ିଥିବା ଦିନଗୁଡ଼ିକରେ ଦୁଆ (ପ୍ରାର୍ଥନା) କରିବା ସହିତ ପ୍ରତିଶେଧକମୂଳକ ପନ୍ଥା ଅବଲମ୍ବନ କରିବାପାଇଁ ଉପଦେଶ ।

କାରୋବାର କରୁଥିବା ଲୋକମାନଙ୍କୁ ମାନବ ସମାଜରେ ସେବା ଓ ମାନବ ସମାଜ ପ୍ରତି ସହାନୁଭୂତିଶୀଳ ହୋଇ, ପ୍ରାଣୀଜଗତର ଅଧିକାର ପ୍ରଦାନ କରିବାକୁ ଉପଦେଶ । ଖାଇବା ପିଇବା ବସ୍ତୁ ଏବଂ ଆବଶ୍ୟକ ବସ୍ତୁ ଗୁଡ଼ିକୁ କମ୍‌ରୁ କମ୍ ଲାଭ ରଖି ବିକ୍ରୀ କରିବା ପାଇଁ ପରାମର୍ଶ ।

ଖିଲାଫତ୍ ସହିତ ସଚ୍ଚା ପ୍ରେମଭାବ ରଖିଥିବା, ପୂର୍ଣ୍ଣ ଆଜ୍ଞାବହ, ଅଲ୍ଲାଃ ତାଲାଙ୍କ ସହିତ କରାଯାଇଥିବା ପ୍ରତ୍ୟେକ ପ୍ରତିଜ୍ଞା/ପ୍ରତିଶ୍ରୁତିକୁ ପୁରଣକାରୀ ବିଶେଷ ସୁରକ୍ଷାବଳର କର୍ମୀ, ଅତ୍ୟନ୍ତ ନିଷ୍ଠାପର ଓ ନିସ୍ୱାର୍ଥପର ସେବକ ମୋହତରମ୍ ନାସିର୍ ଅହ୍‌ମଦ୍ ସଇଦ୍ ସାହେବଙ୍କ ଦେହାନ୍ତରେ ତାଙ୍କ ସୁଗୁଣର ଚର୍ଚ୍ଚା ।

''ଇଏ ସେହି ଲୋକମାନେ ମଧ୍ୟରେ ଗଣାଯାଉଛନ୍ତି, ଯାହାଙ୍କ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ଇଏ ଶହିଦ୍ ଅଟନ୍ତି'' ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ
(ପ୍ରଦତ୍ତ: ୧୦ ଏପ୍ରିଲ୍ ୨୦୨୦ ଅନୁଯାୟୀ ୧୦ ଶାହାଦତ୍ ୧୩୯୯ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜିକାଲି କରୋନା ସଂକ୍ରମଣ ଯୋଗୁଁ ସଂସାରରେ ଏପରି ପରିସ୍ଥିତି ସୃଷ୍ଟି ହୋଇଯାଇଛି କି, ଆପଣ ପର ସମସ୍ତଙ୍କୁ ଧରାଶାୟୀ କରିଦେଇଛି । ଲୋକେ ପତ୍ର ଲେଖି ବ୍ୟାକୁଳତାର ପରିପ୍ରକାଶ କରୁଛନ୍ତି ଏବଂ ନିଜ ପ୍ରୀୟଜନ ନିକଟ ସମ୍ପର୍କୀୟଙ୍କ ଯୋଗୁଁ ଅସ୍ଥିର ଓ ବ୍ୟଗ୍ର ଅଛନ୍ତି, ଯିଏ କୌଣସି ପ୍ରକାର ବ୍ୟାଧିରେ ଆକ୍ରାନ୍ତ ହୋଇଛନ୍ତି ପୁଣି ଅତ୍ୟଧିକ ଆକୁଳତାର ପରିପ୍ରକାଶ କରୁଛନ୍ତି କି ଯଦି ଅନ୍ୟ କୌଣସି ବ୍ୟାଧିରେ ମଧ୍ୟ ଆକ୍ରାନ୍ତ ଥିବେ ତେବେ ସୁଧା ଦୁର୍ବଳତା ପାଇଁ ଏହି ସଂକ୍ରମଣର ଶିକାର ହୋଇନଯାନ୍ତୁ । କିଛି ଅହେମଦୀ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି ସେ ଯାହା ହେଉ ଗୋଟିଏ ସମସ୍ୟା ସମଗ୍ର ବିଶ୍ୱକୁ ଘେରି ବସିଛି । ଜଣେ ମୁରବୀ ସାହେବ ମତେ ପତ୍ର ଲେଖିଲେ କି ବୁଝାପଡୁନାହିଁ ଯେ କଣ ଘଟି ଯାଉଛି । ତାଙ୍କର କହିବା ଠିକ୍ ବାସ୍ତବରେ ଏହି ପରି ପରିସ୍ଥିତିର ଆମେ ସମ୍ମୁଖିନ ହୋଇଛେ ଯେ କିଛି ଜଣା ପଡୁନାହିଁ ଏ କଣ ହେଉଅଛି ସଂସାରକୁ କିନ୍ତୁ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ଆଜିକାଲିର ଅବସ୍ଥା ସମ୍ବନ୍ଧରେ ନକ୍ସା ଟାଣି ଦେଇଛନ୍ତି କି **ୱ କାଲଲ୍ ଇନ୍‌ସାନୁ ମାଲହା** (ଜଲିଲାଲ୍ : ୪) ଅର୍ଥାତ ମାନବ କହି ଉଠିବ ଯେ ତାହାକୁ କଣ ହୋଇଯାଇଛି ?

ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ଆଜିଠାରୁ ଶହେ ବର୍ଷ ପୂର୍ବେ ଅର୍ଥାତ ୧୯୨୦ ମସିହାରେ ମହାମାରୀ, ଦୁର୍ଭିକ୍ଷ, ବନ୍ୟା ଓ ବରତ୍ୟା ଆଦି ବିପତିମାନଙ୍କର ଚର୍ଚ୍ଚା କରି ଉପରୋକ୍ତ ଆୟତର ସଂକ୍ଷିପ୍ତ ବ୍ୟାଖ୍ୟା କରି କୁହନ୍ତି ଯେ ପୂର୍ବେ ଗୋଟିଏ ଅଧେ ସଂକ୍ରମଣ କିମ୍ବା ସମସ୍ୟା ଦେଖାଦେଉଥିଲା । କିନ୍ତୁ ବର୍ତମାନ ଏପରି ଯୁଗ ଆସିଯାଇଛି ଯେ, ଦୁର୍ବିପାକର ଦ୍ୱାର ଉନ୍ମୁକ୍ତ ହୋଇଯାଇଛି । *(ଖୁତ୍‌ବାତେ ମହ୍‌ମୁଦ୍, ଖଣ୍ଡ-୬, ପୃ-୩୮୭ ଖୁତ୍‌ବା ଯୁମା ପ୍ରଦତ ୬ ଫେବୃୟାରୀ ୧୯୨୦)*

ଗତ କିଛି ବର୍ଷ ହେଲା ମୁଁ ମଧ୍ୟ କହୁଅଛି ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନ ପରେ ଯେତେବେଳେ ଆପଣ ସଂସାର ବାସୀଙ୍କୁ ପ୍ରାକୃତିକ ଓ ଆକାଶୀୟ ବିପତି ବିପଦ ମାଡ଼ି ଆସୁଥିବାର ସତର୍କ କଲେ ସେବେଠାରୁ ବିଶ୍ୱରେ ଝଡ଼ବାତ୍ୟା, ଭୁମିକମ୍ପ ଓ ମହାମାରୀ ଆଦିର ପ୍ରାକୃତିକ ବିପର୍ଯ୍ୟୟର ସଂଖ୍ୟା ଅତ୍ୟଧିକ ବଢ଼ି ଯାଇଛି । ଏସବୁ ମାନବଜାତିକୁ ସତର୍କ କରିବାପାଇଁ ଚାଲିଆସୁଛି କି ତୁମେ ନିଜର ସୃଷ୍ଟିକର୍ତାର କର୍ତବ୍ୟ ସମ୍ପାଦନ କର ଏବଂ ତାଙ୍କ ସୃଷ୍ଟିର ଓ ତାଙ୍କ ଭକ୍ତଙ୍କର ମଧ୍ୟ କର୍ତବ୍ୟ ସମ୍ପାଦନ କର ଅତଏବ ଏପରି ଅବସ୍ଥାରେ ଆମ ସମସ୍ତଙ୍କୁ ଅଲ୍ଲାଃ ତାଲାଙ୍କର ଅଧିକରୁ ଅଧିକ ଶରଣାଗତ ହୋଇ ତାଙ୍କ ନିକଟରେ ନତମସ୍ତକ ହେବା ସହିତ ସଂସାରବାସୀଙ୍କୁ ସତର୍କ କରିବା ଉଚିତ । କେତେକ ରୋଗ ଓ ସଂକ୍ରମଣ ଅବା ଝଡ଼, ବାତ୍ୟା ଏପରି କି ଯେତେବେଳେ ସେ ସବୁ ସଂସାରକୁ ମାଡ଼ି ଆସେ ସେତେବେଳେ ସମଗ୍ର ବିଶ୍ୱବାସୀଙ୍କୁ ପ୍ରଭାବିତ କରିଥାଏ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ କୁହନ୍ତି ଠିକ୍ ଅଛି କେତେକ ବିପତି ସହ ଆମର କୌଣସି ସମ୍ପର୍କ ନଥାଏ କିନ୍ତୁ ଯେତେବେଳେ ଆମେ ଏହି ପୃଥିବୀରେ ବସବାସ କରୁଅଛେ ସେତେବେଳେ ଅନେକ ମାମଲାରେ ଅନେକ ପ୍ରସଙ୍ଗରେ ଉଦାହରଣ ସ୍ୱରୁପ ମହାମାରୀ ହେଲା ଦୁର୍ଭିକ୍ଷ ହେଲା ସେଥିରୁ ଆମକୁ ମଧ୍ୟ ଏକ ସୀମା ପର୍ଯ୍ୟନ୍ତ ଭାଗ ନେବାକୁ ପଡ଼ିଥାଏ ଅର୍ଥାତ ଆମେ ମଧ୍ୟ ସେଥିରେ ପ୍ରଭାବିତ ହୋଇଥାଉ ଏବଂ ତାହାର କୁପ୍ରଭାବରୁ ଭାଗ ନେଇଥାଉ । ଏପରି ହୋଇନଥାଏ ଯେ ଐଶ୍ୱରୀକ ଯମାତକୁ ସେଥିରୁ ସମ୍ପୁର୍ଣ୍ଣରୁପେ ସୁରକ୍ଷିତ ରଖାଯାଇଥାଏ ଏବଂ ସେମାନେ ସେଥିରୁ ବର୍ତିଯାଇଥାନ୍ତି । ଆପଣ କହିଲେ ଯେ ହେତୁ ଏ ସବୁ ପ୍ରଭୁଙ୍କ ଧାର୍ଯ୍ୟ ବିଧାନର ବିପରୀତ ଘଟିଥାଏ । *(ଖୁତ୍‌ବାତେ ମହ୍‌ମୁଦ୍, ଖଣ୍ଡ-୬, ପୃ-୩୮୭-୩୮୮ ଖୁତ୍‌ବା ଯୁମା ପ୍ରଦତ ଓ ଫେବୃୟାରୀ ୧୯୨୦)*

କିନ୍ତୁ ମୋମିନ୍ ସେହି ବିପତିରୁ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ତାହାର କୃତଜ୍ଞ ହୋଇ ଅତିକ୍ରମ କରିଯାଇଥାଏ ଅର୍ଥାତ ଉକ୍ତ ବିପତିରୁ ଅତିକ୍ରମ କରିଯାଇଥାଏ । ଯେପରି କି ମୁଁ କହିଲି ଆମ୍ଭମାନଙ୍କୁ ଏହି ଦିନମାନଙ୍କରେ ଅଲ୍ଲାଃ ତାଲାଙ୍କ ନିକଟରେ ଅଧିକ ନତମସ୍ତକ ହେବା ଉଚିତ ଏବଂ ତାହାଙ୍କ ଦୟା ଓ ଆଶିଷ ଭିକ୍ଷା କରିବା ଉଚିତ । ତେଣୁ ପ୍ରତ୍ୟେକ ଅହେମଦୀଙ୍କୁ ପୂର୍ବାପେକ୍ଷା ପ୍ରଭୁଙ୍କ ଶରଣାଗତ ହେବା ଉଚିତ । କେତେକ ଲୋକ କେତେ, କଣ ଆଲୋଚନା କରିବସିଥାନ୍ତି କି ଏହି ସଂକ୍ରମଣ ପ୍ରଭୁଙ୍କ ଏକ ନିଦର୍ଶନ ଜାହରି କରିବା ପରିପ୍ରେକ୍ଷୀରେ ବିଦ୍ୟମାନ । ତେଣୁ ସୁରକ୍ଷାମୂଳକ ପଦକ୍ଷେପର କୌଣସି ଆବଶ୍ୟକତା ନାହିଁ ଅବା ଉପଚାର ଅବା ଏପରି ବିଶେଷ କିସମର ଯତ୍ନ ନେବା ଏବଂ ଏଭଳି ଆଲୋଚନା ଯାହାକି ଅନ୍ୟର ଭାବନାକୁ କଷ୍ଟ ପଂହଚାଇଥାଏ ଆଲୋଚନା କରିବା ଆବଶ୍ୟକତା ନାହିଁ । ଆମକୁ ଜଣାନାହିଁ କି ଏହି ଚିହ୍ନ କୌଣସି ବିଶେଷ ଚିହ୍ନରେ ପ୍ରକାଶ ପାଇଛି ଅବା ନୁହେଁ କିନ୍ତୁ ସାଧାରଣତଃ ଆମେ କହିଥାଉଁ ଯେପରି କି ମୁଁ ବତର୍ମାନ କହିଲି ଯେ, କିଛି ଖୁତ୍‌ବା ପୂର୍ବରୁ ମୁଁ ଏହି ମହାମାରୀର ଚର୍ଚ୍ଚା ମଧ୍ୟ କରିଥିଲି କି ଭୁପୃଷ୍ଠ ଓ ଆକଶ ବିପତି ଓ ସମସ୍ୟାରେ ବହୁତ ବଢ଼ିଯାଇଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆଗମନ ପରେ । ବସ୍ତୁତ୍ୱ ସାମାନ୍ୟ ଅବସ୍ଥାରେ ଏହା କୁହାଯାଇପାରିବ କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଆବିର୍ଭାବ ହୋଇଥିବା ପ୍ଲେଗ ରୋଗ ସହିତ ଯୋଡ଼ିବା ପୁଣି ଏଭଳି ଆଲୋଚନା କରିବା, ନଉଜୁବିଲ୍ଲା ଯେଉଁ

ଅହେମଦୀମାନେ ଉକ୍ତ ବ୍ୟାଧିରେ ଆକ୍ରାନ୍ତ ହୋଇଛନ୍ତି ଅବା ଦେହ ତ୍ୟାଗ କରିଛନ୍ତି ସେମାନଙ୍କ ବିଶ୍ୱାସ ଦୁର୍ବଳ ଥିଲା ବୋଲି କହିବାର କାହାର ବି ହେଲେ ଅଧିକାର ନାହିଁ ।

ପ୍ଲେଗ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପାଇଁ ଏକ ନିଦର୍ଶନ ରୂପେ ପ୍ରକାଶ ପାଇଥିଲା । ଯଦିଚ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏହି ବ୍ୟାଧିରେ ଦେହତ୍ୟାଗ କରୁଥିବା ବ୍ୟକ୍ତିଙ୍କୁ ଶହୀଦର ଦର୍ଜା ଦେଇଛନ୍ତି ।

*(ସହି ବୁଖାରୀ, କିତାବୁଲ୍ ତିବ୍......... ହଦିସ୍ ୫୭୩୩)*

କିନ୍ତୁ ଯେହେତୁ ପ୍ଲେଗ ରୋଗ ପ୍ରଭୁଙ୍କ ଏକ ନିଦର୍ଶନ ଆକରରେ ପ୍ରକାଶ ପାଇଥିଲା ଏଥି ସଂକ୍ରାନ୍ତ ରେ ଅଲ୍ଲାଃ ତାଲା ଆପଣଙ୍କୁ ବିଶେଷ ଭାବରେ ଦର୍ଶାଇ ଦେଇଥିଲେ ଯଦ୍ୱାରା ଆପଣ ଆ:ସ ଘୋଷଣା କରିଥିଲେ କି ଏହା ଏକ ନିଦର୍ଶନ ଅଟେ ଏବଂ ଆପଣ ଆ:ସ ଯମାତ୍‌କୁ ନିର୍ଦ୍ଦେଶ ଦେଲେ ଏବଂ ମୁଫ୍‌ତି ସାହେବଙ୍କୁ ଏକ ଅବସରରେ ହଜୁର କହିଲେ କି ଏହା ଘୋଷଣା କରିଦିଅ କି ଖବରକାଗଜରେ ଘୋଷଣା କରିଦିଅ କି ମୁଁ ଯମାତ୍‌ର ସଦସ୍ୟମାନଙ୍କ ପାଇଁ ବହୁତ ଦୁଆ କରୁଅଛି ସେମାନେ ଏହି ମହାମାରୀରୁ ସୁରକ୍ଷିତ ରଖନ୍ତୁ ଅର୍ଥାତ ପ୍ରଭୁ ଏହି ମାହାମାରୀ ରୋଗରୁ ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ । ଆପଣ ଆହୁରି କହିଲେ କିନ୍ତୁ କୋରାନ୍‌ରୁ ପ୍ରମାଣ ସିଦ୍ଧ ଯେ ଯେତେବେଳେ ପ୍ରଭୁଙ୍କ ଦଣ୍ଡ ଉପନୀତ ହୋଇଥାଏ ସେତେବେଳେ ମନ୍ଦ ଓ କୁକର୍ମୀମାନଙ୍କ ସହିତ ପୂଣ୍ୟବାନମାନେ ମଧ୍ୟ ତାହାର ଶିକାର ହୋଇଥାନ୍ତି କିନ୍ତୁ ସେମାନଙ୍କ ପରିଣାମ ସେମାନଙ୍କ କର୍ମ ଆଧାରରେ ହୋଇଥାଏ ଯେପରି କି ପୂର୍ବେ ଆଲୋଚନା କରିଆସିଲି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଏହା ପ୍ରକୃତିର ନିୟମ କେହି ଏଥିରୁ ମୁକୁଳିପାରିବେ ନାହିଁ ଦେଖ୍ ନୁହ୍ ଆ:ସଙ୍କ ଝଡ଼ ବାତ୍ୟାରେ ସମସ୍ତେ ପ୍ରଭାବିତ ହେଲେ । ପୁନଶ୍ଚ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ସମୟରେ ଜେହାଦ୍ ଦ୍ୱାରା ମୁସଲମାନମାନଙ୍କୁ ଯେଉଁ ବିଜୟ ପ୍ରାପ୍ତ ହେଲା ସେ ସବୁର ଇସ୍‌ଲାମର ସତ୍ୟତା ସାବ୍ୟସ୍ତ କରିବାର ଏକ ଚିହ୍ନ ସଦୃଶ ଥିଲା । ତା'ପରେ ଖିଲାଫତ୍ ସମୟ କାଳରେ ଅର୍ଥାତ ଖିଲାଫତେ ରାଶିଦୀନ୍ ସମୟକାଳରେ ମଧ୍ୟ ଯିହାଦ୍ ହେଲା ସେତେବେଳେ ମଧ୍ୟ କେତେକ ସ୍ଥଳେ ମୁସଲମାନମାନଙ୍କୁ ପରାଜୟ ବରଣ କରିବାକୁ ପଡ଼ିଥିଲା କିନ୍ତୁ ସାଧାରଣତଃ ଅର୍ଥାତ ମୋଟାମୋଟି ଭାବରେ ଦେଖିବାକୁ ଗଲେ ମୁସଲମାନମାନେ ବିଜୟ ପ୍ରାପ୍ତ କରିଥିଲେ । ହଜୁର୍ ଅ:ସ କହୁନ୍ତି ଏ ସମସ୍ତ ଘଟଣା ଇସ୍‌ଲାମ୍‌ର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ପ୍ରକାଶ ପାଇଥିଲା କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଅମାନ୍ୟକାରୀଙ୍କ ସାଥିରେ ମୁସଲମାନମାନେ ମଧ୍ୟ ମୃତ୍ୟୁର ସ୍ୱାଦ ଚାଖିଥିଲେ । ଏପରି ହୋଇନଥିଲା କି କେବଳ ଅମାନ୍ୟକାରୀମାନେ ମୃତ୍ୟୁବରଣ କରିଥିଲେ । ଯଦିଚ ଉକ୍ତ ଯିହାଦ୍ ଏକ ନିଦର୍ଶନ ଥିଲା କିନ୍ତୁ ସେଥିରେ ମୁସଲମାନମାନେ ମଧ୍ୟ ପ୍ରାଣର ଆହୁତି ଦେଇଥିଲେ ଏବଂ ସେଥିରେ ଯେଉଁ ମୁସଲମାନମାନେ ପ୍ରାଣବଳୀ ଦେଇଥିଲେ ସେମାନେ ଶହୀଦ ବୋଲାଉଥିଲେ । ଏହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ତାଉନ୍ ଅର୍ଥାତ ପ୍ଲେଗ ଆମ ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଆସିଅଛି ଏବଂ ସମ୍ଭବତଃ ଏଥିରେ ଆମ ଯମାତ୍‌ର କିଛି ଲୋକ ମଧ୍ୟ ଶିକାର ହେବେ ଓ ଶହୀଦ ହେବାର ସୌଭାଗ୍ୟ ଅର୍ଜନ କରିବେ । ପୁନଶ୍ଚ ଆପଣ କୁହନ୍ତି ସର୍ବପ୍ରଥମେ ପ୍ରଭୁଙ୍କ କର୍ତବ୍ୟ ସମ୍ପାଦନ କର ଏବଂ ନିଜ ଭାବନାକୁ ପବିତ୍ର ରଖ ସେଥିଅନ୍ତେ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କର । ପରମେଶ୍ୱରଙ୍କ ଉପରେ ପୁର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖ ଏବଂ ଆକୁଳତାର ସହ ତାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କର ଏଭଳି ଗୋଟିଏ ଦିନ ମଧ୍ୟ ବିତାଅ ନାହିଁ ଯେଉଁଦିନ କି ତୁମେ ପ୍ରଭୁଙ୍କ ଶରଣାପନ୍ନ ହୋଇ ଦୁଆ କରିନଥିବ । ଆପଣ ଆହୁରି କୁହନ୍ତି ଏଥିସହିତ ପ୍ରକାଶ୍ୟ ମାଧ୍ୟମ ଗୁଡ଼ିକ ଅର୍ଥାତ ଯେଉଁ ସତର୍କତା ଅବଲମ୍ବନ କରିବା ଜରୁରୀ ତାହାର ପାଳନ କର । ତଥାପି ଯଦି ତୁମମାନଙ୍କ ମଧ୍ୟରୁ କେହି ପ୍ରଭୁଙ୍କ ବିଧାନ ଅନ୍ତର୍ଗତ ତାଉନ୍‌ର ଶିକାର ହୋଇଯାଏ ତେବେ ତାହା ସହିତ ଓ ତା'ର ପରିବାରବର୍ଗଙ୍କ ସହ ପୁର୍ଣ୍ଣ ସହାନୁଭୁତି ପ୍ରଦର୍ଶନ କର ଏବଂ ସମସ୍ତ ସାମର୍ଥ୍ୟ ବିନିଯୋଗ କରି ସେମାନଙ୍କୁ ସାହାଯ୍ୟ କର ତଥା ସମ୍ପୃକ୍ତ ବ୍ୟକ୍ତିର ଚିକିତ୍ସା କରିବାର କୌଣସି ପନ୍ଥାକଚ ହାତଛଡ଼ା କରନାହିଁ । ସମସ୍ତ ପ୍ରକାର ଚେଷ୍ଟା କରିନିଅ ଆପଣ କୁହନ୍ତି କିନ୍ତୁ ମନେ ରଖ ସହାନୁଭୁତିର ଅର୍ଥ ଏହା ନୁହେଁ କି ତାହାର ବିଶାକ୍ତ ବାୟୁ ଅର୍ଥାତ ନିଶ୍ୱାସ ପ୍ରଶ୍ୱାସ ଓ ବସ୍ତ୍ର ମାଧ୍ୟମରେ ତୁମେ ମଧ୍ୟ ଉକ୍ତ ସଂକ୍ରମଣର ଶିକାର ହୋଇଯାଅ ।

*(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୨୫୧-୨୫୩)*

ନିଃସନ୍ଦେହ ସହାନୁଭୁତି ପ୍ରଦର୍ଶନ କର କିନ୍ତୁ ସୁରକ୍ଷାବଳୟ ମଧ୍ୟରେ ରହି କାରଣ ସେଥିରୁ ନିଜକୁ ସୁରକ୍ଷିତ ରଖିବା ମଧ୍ୟ ଅତ୍ୟନ୍ତ ଜରୁରୀ ଏବଂ ତାହାର ପ୍ରଭାବରୁ ନିଜକୁ ରକ୍ଷା କରିବା ଅତ୍ୟନ୍ତ ଜରୁରୀ ସୁତରାଂ ଏଥିରୁ ଆମକୁ ଶିକ୍ଷାହାସଲ କରିବା ଉଚିତ ଯେ ଏ ଯେଉଁ ସାହାଯ୍ୟକାରୀ ଅଛନ୍ତି ସେମାନଙ୍କୁ ଆବଶ୍ୟକ ଦୁରତା ବଜାୟ ରଖିବା ଉଚିତ । ଉଦାହରଣ ସ୍ୱରୁପ ଆଜିକାଲି ଯେପର କୁହାଯାଉଛି କି ମାସ୍କ ପରିଧାନ କର ଏହିପରି ଅନ୍ୟାନ୍ୟ ଜରୁରୀ ସୁରକ୍ଷା ମୁଳକ ଉପଦେଶ ପାଳନ କରିବା ମଧ୍ୟ ଉଚିତ । ଯଦ୍ୱାରା ଲୋକମାନଙ୍କ ଘରକୁ ଯିବାଆସିବା କରିବାରେ ମଧ୍ୟ ନିବୃତ ରହିବା ଉଚିତ । ଲୋକମାନଙ୍କ ଘରକୁ ଅଯଥାରେ ଯିବା ଆସିବା କରିବାରୁ ନିବୃତ ରହିବା ମଧ୍ୟ ଉଚିତ ଯାହାକି ପ୍ରଶାସନ ମଧ୍ୟ କରିବାକୁ ବାରଣ କରୁଅଛି ।

ଆଜିକାଲି ଏଠାରେ ୟୁ.କେ ରେ ପ୍ରଶାସନ ମନା କରିବା ସତ୍ୱେ ମଧ ଲୋକେ ପାର୍କରେ ଏକତ୍ରିତ ହୋଇ ବସାଉଠା ଓ ମିଳାମିଶା କରୁଛନ୍ତି । ଯେତେବେଳେ କି ଅନୁମତି କେବଳ ଏତିକି ପ୍ରଦାନ କରାଯାଇଛି କି ପାର୍କ ଯାଇ କେବଳ ଭ୍ରମଣ କରିବା ଅବା କିଛି ସମୟ ମୁକ୍ତ ପରିବେଶରେ ବସି ନିଜ ଘରକୁ ଫେରିଆସିବା ଉଚିତ । ଏପରି ନୁହେଁ ପାର୍କରେ ଅନେକ ଲୋକ ଏକାଠି ବସି ପିକ୍‌ନିକ କରିବା ଆରମ୍ଭ କରିଦେବା । ଏହା ଠିକ୍ ନୁହେଁ କାରଣ ପ୍ରଶାସନ ବାରମ୍ବାର ଏପରି କରିବାକୁ ମନା କରୁଅଛି କିନ୍ତୁ ଲୋକେ କାର୍‌ରେ ବସି ଚାଲିଆସୁଛନ୍ତି ଯଦି ଏକସରସାଇଜ୍ କିମ୍ବା ସ୍ୱାସ୍ଥ୍ୟକର ବାତାବରଣ ଲାଭ କରିବାକୁ ଯାଉଅଛ ତେବେ ଘରୁ ଚାଲିଚାଲି ଆସ ଅବା ସାଇକେଲ୍‌ରେ ଆସ କାର୍‌ରେ ଏକାଠି ବସି କାହିଁ ଯାଉଛନ୍ତି ? ଏହା ତ ଠିକ୍ ନୁହେଁ ବର୍ତମାନ କେତେକ ସ୍ଥାନରେ କାଉନ୍‌ସିଲ୍ ପାର୍କ ଇତ୍ୟାଦିକୁ ବନ୍ଦ କରିବାର ଘୋଷଣା କଲେଣି କି କାର୍ ନେଇ ଆସିବାର ଅନୁମତି ନାହିଁ କାରଣ ଏଠାରେ ପାର୍କିଙ୍ଗର ମଧ୍ୟ ଅନୁମତି ନାହିଁ । ସେ ଯାହା ହେଉ ଅହେମଦୀମାନଙ୍କୁ ଏହିପରି କାର୍ଯ୍ୟରୁ ନିବୃତ ରହିବା ଉଚିତ । ଯେଉଁମାନେ ସାହାଯ୍ୟ କରିବାର ସେବାରେ ନିୟୋଜିତ ଅନେକ ଖୁଦାମ୍, ଭଲ୍ୟୁଂଟରସ ଅର୍ଥାତ ସ୍ୱେଚ୍ଛାସେବକ ଭାବରେ ନିଜକୁ ସେବା ସମ୍ପାଦନ କରିବାପାଇଁ ଉତ୍ସର୍ଗ କରିଛନ୍ତି, ସେମାନେ ସମସ୍ତେ ସୁରକ୍ଷିତ ରହିବାର ସମସ୍ତ ନିୟମ ପାଳନ କରିବା ସହିତ ଦୁଆ କରି ସାହାଯ୍ୟ କରିବାର କର୍ତବ୍ୟ ସମ୍ପାଦନ କରନ୍ତୁ । ଅସୁରକ୍ଷିତ ଅବଲମ୍ବନ କରି ନିଜକୁ ଧ୍ୱଂସ ମୁଖରେ ନିକ୍ଷେପ କରନ୍ତୁ ନାହିଁ କାରଣ ଏହା ମୁର୍ଖାମିର ପରିଚୟ ନା କି କୌଣସି ବାହାଦୂରି ଅତଃ ବହୁତ ସତର୍କତା ଅବଲମ୍ବନ କରିବା ଉଚିତ ।

ଏହା ସତ୍ୱେ ମଧ୍ୟ ପ୍ରଭୁ ଏପରି ନ କରନ୍ତୁ । ଯେପରି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯଦି ଏହି ମହାମାରୀରେ କେହି ଦେହ ତ୍ୟାଗ କରେ ତେବେ ସେ ଶହୀଦର ଦର୍ଜା ପାଇଥାଏ ତାହା ପାଇଁ ଗୋସଲ୍ ଅର୍ଥାତ ଗାଧୋଇବା ଓ କଫନ୍‌ର ଆବଶ୍ୟକତା ପଡ଼ିନଥାଏ । ଏଠାକାର ପ୍ରଶାସନ ଏକ ସୀମା ପର୍ଯ୍ୟନ୍ତ ରିହାତି ପ୍ରଦାନ କରିଛନ୍ତି କି ଗୋସଲ୍ ଦେଇପାରିବ ଓ କଫନ୍ ମଧ୍ୟ ପିନ୍ଧାଇ ପାରିବ । ସେତେବେଳେ ଯେଭଳି ସଂକଟାପନ୍ନ ପରିସ୍ଥିତି ଥିଲା ସେଥିଯୋଗୁଁ ହଜୁର ସ:ଆ:ସ କହିଥିଲେ କି କଫନ୍ ଦେବାର ଆବଶ୍ୟକତା ନାହିଁ । ପୁଣି ଆପଣ ନିର୍ଦ୍ଦେଶ ପୂର୍ବକ କହିଥିଲେ କି ନିଜ ଘରଗୁଡ଼ିକୁ ବହୁତ ସଫାସୁତୁରା ରଖନ୍ତୁ ଏବଂ ନିଜ ବସ୍ତ୍ର ଓ ପୋଷାକ ଆଦିକୁ ପରିସ୍କାର ରଖନ୍ତୁ । ନାଳ, ନର୍ଦ୍ଦମା ମଧ୍ୟ ସଫା ରଖନ୍ତୁ ଯଦିଚ ଏଠାରେ ନାଳ, ନର୍ଦ୍ଦମାମାନ ଅଣ୍ଡରଗ୍ରାଉଣ୍ଡରେ ରହିଛି କିନ୍ତୁ ଯେଉଁ ଦେଶଗୁଡ଼ିକ ବିକଶିତ ନୁହେଁ ଯେଉଁଠାରେ ନାଳ, ନର୍ଦ୍ଦମା ଉନ୍ମୁକ୍ତ ରହିଛି ସେଠାରେ ସେଗୁଡ଼ିକୁ ସଫା ରଖିବା ଅତ୍ୟନ୍ତ ଜରୁରୀ । ପୁନଶ୍ଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକଥାକୁ ବିଶେଷ ଗୁରୁତ୍ୱ ଦେଲେ କି ନିଜ ହୃଦୟକୁ ପବିତ୍ର ରଖ ଓ ପ୍ରଭୁଙ୍କ ସହ ସନ୍ଧି କରିନିଅ ।

ଯେତେବେଳେ କି ଏହି ସଂକ୍ରମଣ ଦ୍ୱାରା ପ୍ରତ୍ୟେକ ପ୍ରଭାବିତ । ପୁଣି ଯେପରି କି ମୁଁ କହିଲି ମୋ ନିକଟକୁ ଚିଠି ଲେଖି ଜଣାଉଛନ୍ତି କି ଉକ୍ତ ତଥ୍ୟଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବା ଉଚି. ଆମକୁ ସର୍ବଦା ମନେ ରଖିବା ଉଚିତ ଯେ, ଆମ ପାଇଁ ଦୁଆ ର ମାର୍ଗ ଉନ୍ମୁକ୍ତ ରହିଛି ଆମ୍ଭମାନଙ୍କୁ ଏହି ବିଶ୍ୱାସର ସହ ଅଲ୍ଲାଃ ତାଲାଙ୍କ ନିକଟରେ ନତମସ୍ତକ ହେବା ଉଚିତ କି ପ୍ରଭୁ ଆମପାଇଁ ଦୁଆ ର ମାର୍ଗ ଉନ୍ମୁକ୍ତ ରଖିଛନ୍ତି ଏବଂ ସେ ଦୁଆ ସ୍ୱୀକାର କରିଥାନ୍ତି ଯଦି ନିଷ୍ଠାର ସହ ତାଙ୍କ ଶରଣାପନ୍ନ ହେବା, ତେବେ ସେ ନିଶ୍ଚିତରୂପେ ଆମର ଦୁଆ ଗ୍ରହଣ କରିବେ । ସାଧରଣତଃ ନିଜ ପ୍ରୀୟ ଲୋକମାନଙ୍କ ପାଇଁ ଓ ଯମାତ୍ ତଥା ସମଗ୍ର ମାନବଜାତି ପାଇଁ ଦୁଆ କରିବା ଉଚିତ । ସଂସାରରେ ଏପରି ଅନେକ ଲୋକ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଅହେମଦୀ ମଧ୍ୟ ସାମିଲ ଥିଲେ ଯାହାଙ୍କ ନିକଟରେ ସତର୍କତା ଅବଲମ୍ବନ କରିବାର ସାଧନ ନଥିବ ଅର୍ଥାତ ସେମାନଙ୍କ ନିକଟରେ ସୁରକ୍ଷାମୁଳକ ପଦକ୍ଷେପ ଗ୍ରହଣ କରିବାର ସାଧନ ନଥିବ ତଥା ଯାହାକି ନିକଟରେ ଉପଚାର ସୁବିଧା ଉପଲବ୍ଧ ନାହିଁ ଖାଦ୍ୟପେୟର ସୁବିଧା ନାହିଁ । ଅଲ୍ଲାଃ ତାଲା ସେମାନଙ୍କ ଉପରେ ଓ ଆମ ସମସ୍ତଙ୍କ ଉପରେ ଦୟା ଆଚରଣ କରନ୍ତୁ ଆମେ ଚେଷ୍ଟା କରୁଅଛୁ କି ଯମାତି ସ୍ତରରେ ଖୁରାକ୍ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ପ୍ରତ୍ୟେକ ଅହେମଦୀଙ୍କ ନିକଟରେ ପହଂଚିଯାଉ । କିନ୍ତୁ ସମ୍ଭବତଃ କୌଣସି ସ୍ଥାନରେ ଉଣା ରହିଯାଉଥିବ ଯେତେବେଳେ କି ଆମେ ପୂର୍ଣ୍ଣ ଚେଷ୍ଟା କରୁଅଛୁ କି ଅଭାବି ଅହେମଦୀଙ୍କ ନିକଟରେ ଖାଦ୍ୟ ସାମଗ୍ରୀ କିମ୍ବା ଉପଚାରର ସୁଲଭ ବ୍ୟବସ୍ଥା ତାଙ୍କ ଘରେ ପହଂଚିଯାଉ ବରଂ ଆମେ ତ ପ୍ରୟାସରତ ଯେ ଅଣଅହେମଦୀଙ୍କୁ ମଧ୍ୟ ଏହି ସୁବିଧା ସୁଯୋଗ ପ୍ରଦନା କରୁ ଅର୍ଥାତ ଆହାର ଓ ଚିକିତ୍ସା ଯେଉଁଠାରେ ଆବଶ୍ୟକ ରହିଛି ପହଂଚାଇଦେବା ଏବଂ ଏଥିପାଇଁ ନିଃସ୍ୱାର୍ଥ ଭାବରେ ସେବା ସମ୍ପାଦନ କରିଥାଉଁ କିନ୍ତୁ ଏସବୁ କେବଳ ସହାନୁଭୁତି ମନରେ ଆମେ କରୁଥିଲେ ମଧ୍ୟ କେତେକ ଈର୍ଷା ପରାୟଣ ବ୍ୟକ୍ତି ମିଡ଼ିଆ ମାଧ୍ୟମରେ ଏବଂ ନାମକୁ ମାତ୍ର ମୌଲବୀ ବୋଲାଉଥିବା ଏହି ଆପତି ଓ ଆରୋପ ଆମ ଉପରେ ଲଗାଇଥାନ୍ତି କି

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଅହେମଦୀ ଏସବୁ ସେବା କରୁଛନ୍ତି ଅର୍ଥାତ ଖାଦ୍ୟପେୟ ଓ ମେଡ଼ିକାଲ୍ ଆଡ୍ ଏଥିପାଇଁ ଦେଉଛନ୍ତି ଯଦ୍ୱାରା ନିଜ ପ୍ରଚାର କାର୍ଯ୍ୟର ମାର୍ଗ ସୁଗମ ଓ ଉନ୍ମୁକ୍ତ କରିପାରିବେ । ସେ ଯାହା ହେଉ ଏସବୁ ଆପତିରେ ଆମକୁ କୌଣସି ଫରକ ପଡ଼ିନଥାଏ ଅଲ୍ଲାଃ ତାଲା ଆମ ନିୟତ ଓ ମାନସିକ ଉତ୍କଣ୍ଠାକୁ ଭଲରୂପେ ଜାଣନ୍ତି । ପୁନର୍ବାର ମୁଁ କହୁଅଛି ଯେ ଆଜିକାଲି ଦୁଆ ଓ ଦୁଆ କରିବାପ୍ରତି ବିଶେଷ ମନଯୋଗ କରନ୍ତୁ । ଅଲ୍ଲାଃ ତାଲା ଯମାତ୍‌କୁ ପ୍ରତ୍ୟେକ ଦିଗରୁ ପ୍ରତ୍ୟେକ ଅହେମଦୀ ଏବଂ ସାମୁହିକ ଭାବରେ ଯମାତ୍‌କୁ ନିଜ ସୁରକ୍ଷାବଳୟରେ ରଖନ୍ତୁ । ଅଲ୍ଲାଃ ତାଲା ମତେ ଓ ଆପଣମାନଙ୍କୁ ଦୁଆ କରିବାକୁ ଓ ଦୁଆର ଗ୍ରହଣୀୟତାରୁ ଲାଭ ଉଠାଇବାର ସ୍ୱୀକୃତି ଲାଭ କରିବାର ସ୍ୱାଦ ଚାଖିବାକୁ ଶକ୍ତିପ୍ରଦାନ କରନ୍ତୁ ।

ଆଉ ଗୋଟିଏ କଥା ମୁଁ କହିବାକୁ ଚାହେଁ ଯେ, କାରବାର କରୁଥିବା ଅର୍ଥାତ ଯେଉଁ ଅହେମଦୀ ବ୍ୟବସାୟ କରୁଛନ୍ତି ସେମାନେ ଏହି ଦିନମାନଙ୍କରେ ସାମଗ୍ରୀର ଦରଦାମକୁ ଅଧିକ କରି ସେଥିରୁ ଲାଭ ଉଠାଇବା ଉଦ୍ଦେଶ୍ୟରେ ବଢ଼ାଇ ନଦିଅନ୍ତୁ । ବିଶେଷକରି ଖାଦ୍ୟ ସାମଗ୍ରୀ ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକର ଦର ବୃଦ୍ଧି କରି ଅନୁଚିତ ରୂପେ ଲାଭବାନ ହେବା ପରିବର୍ତେ କମ୍‌ରୁ ଅତି କମ୍ ଲାଭ ରଖି ବିକ୍ରୀ କରନ୍ତୁ ଏହା ମାନବଜାତିର ସେବା କରିବାର ଦିନ ଯାହାର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି କି ନିଜ ଭିତରେ ସହାନୁଭୁତି ଭାବନା ଉତ୍ପନ୍ନ କର ସୃଷ୍ଟିର କର୍ତବ୍ୟ ସମ୍ପାଦନ କରିବାର ଏବେ ସୁଯୋଗ ମିଳିଅଛି ଏବଂ ପ୍ରଭୁଙ୍କ ସାନ୍ନିଧ ଲାଭ କରିବାର ଏହା ଏକ ସୁବର୍ଣ୍ଣ ସୁଯୋଗ ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀଙ୍କୁ ଏହାର ଶକ୍ତିପ୍ରଦାନ କରନ୍ତୁ କି ଆମ ବ୍ୟବସାୟୀ ବର୍ଗର ଲୋକ ଅଧିକ ଲାଭ କରିବା ପରିବର୍ତେ ସହାନୁଭୂତି ମନୋଭାବ ପୋଷଣ କରି ନିଜ କାରବାର ଚଳାନ୍ତୁ ।

ବର୍ତମାନ ମୁଁ ବିଗତ ଦିନରେ ଦେହ ତ୍ୟାଗ କରିଥିବା ଯମାତ୍‌ର ଜଣେ ଅତ୍ୟନ୍ତ ନିଷ୍ଠାପର କର୍ମଚାରୀ ଓ ସେବକ ଶ୍ରୀମାନ୍ ନାସିର୍ ଅହମଦ୍ ସଇଦ୍ ସାହେବଙ୍କର ଚର୍ଚ୍ଚା କରିବି ଯେ ୫ ଅପ୍ରେଲରେ ଏହି ଇହଧାମ ତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ନାସିର୍ ସଇଦ୍ ସାହେବ୍ ୧ ୯ ୫ ୧ ମସିହାର ସିଆଲ୍‌କୋଟ ଜିଲ୍ଲାର ଡ଼ସ୍କା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ତାଆଜ୍ ଦୀନ୍ ଥିଲା । ଆପଣ ଜନ୍ମଗତ ଅହେମଦୀ ଥିଲେ ଶିକ୍ଷାଗତ ଯୋଗ୍ୟତା ବେଶି କିଛି ନଥିଲା ମାତ୍ର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ୧ ୯ ୭ ୩ ମସିହାରେ ନଜାରତ ଉମୁରେ ଆମା କାର୍ଯ୍ୟାଳୟ ଅନ୍ତର୍ଗତ ବିଶେଷ ସୁରକ୍ଷା ବିଭାଗରେ ଯୋଗ ଦେଇଥିଲେ । ୧ ୯ ୮ ୪ ମସିହାରେ ଚତୁର୍ଥ ଖଲିଫାଙ୍କ ଇଲଂଣ୍ଡ ହିଜ୍‌ରତ୍, ପ୍ରବାସ କରିବା ଅନ୍ତେ ୧ ୯ ୮ ୫ ମସିହାରେ ରବ୍‌ୱାରୁ ତାଙ୍କୁ ବଦଳି କରାଯାଇଥିଲା ଓ ସେ ଏଠାକୁ ଚାଲିଆସିଥିଲେ । ନିୟମ ଅନୁଯାୟୀ ୨ ୦ ୨ ୦ ମସିହାରେ ତାଙ୍କ ଅବସର ଦିଆଯାଇଥିଲା କିନ୍ତୁ ଅବସର ପରେ ମଧ୍ୟ ସେ ନିଜ କର୍ତବ୍ୟ ସମ୍ପାଦନ କରିବା ଅବ୍ୟାହତ ରଖିଥିଲେ ଅଲ୍ଲାଃ ତାଲାଙ୍କ କୃପାରୁ ତୃତୀୟ ଖଲିଫାଙ୍କ ସମୟକାଳରୁ ବର୍ତମାନ ପର୍ଯ୍ୟନ୍ତ ଡ୍ୟୁଟି ଦେଇ ଚାଲିଆସୁଥିଲେ ।

ନାସିର୍ ସଇଦ୍ ସାହେବ୍ ଅନେକ ସୁଗୁଣର ଅଧିକାରି ଥିଲେ ଅତ୍ୟନ୍ତ ବିଶ୍ୱସ୍ତ ଓ ତତ୍ପରତାର ସହିତ ନିଜର କର୍ତବ୍ୟ ସମ୍ପାଦନ କରିଆସୁଥିଲେ । ଖିଲାଫତେ ଅହେମଦୀୟା ସହିତ ତାଙ୍କର ନିଷ୍ଠାପର ସମ୍ପର୍କ ଥିଲା । ମୃତକଙ୍କ ପରିଜନରେ ତାଙ୍କ ସ୍ତ୍ରୀ କୁଲ୍‌ସୁମ୍ ବେଗମ ସାହିବା ଓ ଏକମାତ୍ର ପୁତ୍ର ରହିଛନ୍ତି ଯାହାଙ୍କ ନାମ୍ ଖାଲିଦ୍ ସାଇଦ୍ ସାହେବ ଅଟେ । ଖାଲିଦ୍ ସାହେବ ମଧ୍ୟ ସ୍ୱେଚ୍ଛାକୃତ ଭାବେ ହିପାଜତେ ଖାସ୍‌ରେ ଅର୍ଥାତ ବିଶେଷ ସୁରକ୍ଷା ବଳରେ ଡ୍ୟୁଟି ଦେଉଛନ୍ତି । ଅଲ୍ଲାଃ ତାଲା ତାଙ୍କୁ ନାସିର୍ ସଇଦ୍ ସାହେବଙ୍କ ପରି ବିଶ୍ୱସ୍ତ ହେବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନାଶିର୍ ସଇଦ୍ ସାହେବଙ୍କ ପତ୍ନୀଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ତାଙ୍କର ଜଣେ ମାମୁଁଙ୍କ ପୁତ୍ର ହେଉଛନ୍ତ ମେହମୁଦ୍ ସାହେବ୍ ସେ ରବ୍‌ୱାରେ ବସବାସ କରନ୍ତି ସେ ପ୍ରଥମେ ସେନାରେ ଥିଲେ ମେହମୁଦ୍ ସାହେବ୍ ତାଙ୍କ ସମବୟସ୍କ ବ୍ୟକ୍ତି ଥିଲେ । ସେ କୁହନ୍ତି ଯେ ନାଶିର୍ ସଇଦ୍ ସାହେବଙ୍କ ଅଭିଭାବକମାନେ ମଧ୍ୟ ତାଙ୍କୁ କହିଲେ କି ତୁମେ ସେନାରେ ଭର୍ତି ହୋଇଯାଅ କିମ୍ବା ଅନ୍ୟ କୌଣସି ଚାକିରି କରିନିଅ । ପ୍ରତିଉତରରେ ସେ କହିଲେ ଯଦି କୌଣସି ଚାକିରି କରିବି ତେବେ ଯମାତ୍‌ର ହିଁ ଚାକିରି କରିବି ଅନ୍ୟଥା ମୋର ଏହି ଜମିଦାରୀ ଅର୍ଥାତ ଚାଷବାସ କାର୍ଯ୍ୟ କରିବି । ଏହି ଜମିଦାରି କାମରେ ନିୟୋଜିତ ହୋଇଯିବି ଚାଷବାସରେ ଲାଗିଯିବି ଏବଂ ଏହାପରେ ପୁନଶ୍ଚ ଯେପରି ମୁଁ କହିଛି ସେ ଯମାତ୍‌ର ପ୍ରଶାସନିକ ବ୍ୟବସ୍ଥାରେ ଆସି ଯୋଗ ଦେଇଥିଲେ ତାଙ୍କର ଜଣେ ସମ୍ପର୍କୀୟ ଲେଖନ୍ତି ଯେ, ସେ ସର୍ବଦା ନିଜ ପରିଜନମାନଙ୍କ ସହିତ ଅତ୍ୟନ୍ତ ନିଃସ୍ୱାର୍ଥପର ହୋଇ ପ୍ରେମ ସମ୍ପର୍କ ରଖୁଥିଲେ ଏବଂ ଅଭାବି ପରିଜନମାନଙ୍କୁ ଗୁପ୍ତରୁପେ ସାହାଯ୍ୟ କରି ଆସୁଥିଲେ ।

ରବ୍‌ୱାରେ ହିପାଜତେ ଖାସ୍‌ର ଜଣେ କର୍ମଚାରୀ କହନ୍ତି କି ମତେ ୧ ୯ ୯ ୦ ମସିହାରୁ ୧ ୯ ୯ ୮ ମସିହା ପର୍ଯ୍ୟନ୍ତ ଲଣ୍ଡନରେ ନାସିର୍ ସଇଦ୍ ସାହେବଙ୍କ ସହିତ ଡ୍ୟୁଟି ଦେବାର ସୁଯୋଗ ମିଳିଥିଲା । ଖିଲାଫତ୍ ପ୍ରତି ବିଶ୍ୱସ୍ତତାର ଭାବ ଓ ଆଜ୍ଞାନୁର୍ବତିତା ତାଙ୍କ କର୍ମରୁ ସ୍ପଷ୍ଟ ବାରି ହୋଇପଡୁଥିଲା । ସେ ଡ୍ୟୁଟି ସମ୍ପର୍କରେ ସର୍ବଦା ବ୍ୟଗ୍ର ରହୁଥିଲେ । ସେ ସର୍ବଦା ଡ୍ୟୁଟି ପାଇଁ ସମୟ ପୂର୍ବରୁ ଉପସ୍ଥିତ ହୋଇଯାଉଥିଲେ ଏବଂ କୌଣସି ବିଭାଗ ପାଇଁ ଯଦି କୌଣସି ବାର୍ତା ରହୁଥିଲା ତେବେ ସେହି ପରିପ୍ରେକ୍ଷୀରେ ସେ ସର୍ବଦା ନିଜ ସାଙ୍ଗମାନଙ୍କୁ ଏହା କହୁଥିଲେ ଯେ, ଗୁପ୍ତ କଥାକୁ ସର୍ବଦା ଗୁପ୍ତ ରଖିବା ଉଚିତ ଏବଂ ନିଜର ଘନିଷ୍ଠ ବନ୍ଧୁ ନିକଟରେ ମଧ୍ୟ ଏହାକୁ ପ୍ରକାଶ କରିବା ଅନୁଚିତ ।

ହିଫାଜତେ ଖାସ୍‌ର ଅଫିସର୍ ମେଜର ମେହମୁଦ୍ ସାହେବ୍ ଲେଖିଛନ୍ତି ଯେ ନାସିର୍ ସଇଦ୍ ସାହେବ୍ ଅତ୍ୟନ୍ତ ବିଶ୍ୱସ୍ତ କର୍ମଚାରୀ ଥିଲେ ତାଙ୍କର ଆତ୍ମାର ଅକ୍ଷ କେବଳ ଖିଲାଫତେ ଅହେମଦୀୟା ହିଁ ଥିଲା ସେ ସାଂସାରିକ ସୁଖ, ଓ ଭୋଗ ବିଳାଶରୁ ବହୁ ଦୁରରେ ଥିଲେ । ଧର୍ମ ସେବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଓ ପରମଧର୍ମ ଥିଲା ଧର୍ମ ସେବା ବ୍ୟତିତ ସେ ଅନ୍ୟ କୌଣସି କଥା ଚିନ୍ତା କରୁନଥିଲେ ସେ ସର୍ବଦା ଏ ଅଭିଳାଷ ରଖିଥିଲେ ଯେ ତାଙ୍କର ପ୍ରାଣବାୟୁ ଖିଲାଫତ୍‌ର ପାଦ ତଳେ ଚାଲିଯାଉ ଏବଂ ସେ ତାହାକୁ ପ୍ରମାଣିତ କରି ଦେଖାଇଛନ୍ତି । ସେ ଅତ୍ୟନ୍ତ ଅତିଥି ପରାୟଣ ଥିଲେ ତେଣୁ ଉକ୍ତ ଅତିଥି ସତ୍କାର କର୍ମରେ ସେ ସ୍ୱୟମ୍ ଏକ ଜ୍ୱଳନ୍ତ ଉଦାହରଣ ଅଟନ୍ତି । ସେ ସର୍ବଦା ସାନ ଓ ବଡ଼ ମାନଙ୍କୁ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ । ସେ ଗୁରୁଜନ ଓ ସିନିୟରମାନଙ୍କୁ ସର୍ବଦା ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କର ତୁଣ୍ଡରେ କେବେ ହେଲେ ନିନ୍ଦା ଅଭିମାନ ଆଦି କଥା ବାହାରୁନଥିଲା ଏବଂ ସର୍ବଦା ସମସ୍ତ ଆଦେଶକୁ ନୀରବର ସହିତ ମାନିନେବାକୁ ନିଜର କର୍ତବ୍ୟ ବୋଲି ମଣୁଥିଲେ । ମେଜର୍ ସାହେବ ଲେଖିଛନ୍ତି ଯେ ୱକ୍‌ଫେ ଜିନ୍ଦେଗୀ ପାଇଁ ସେ ଏକ ଜ୍ୱଳନ୍ତ ଉଦାହରଣ ଥିଲେ ଏବଂ ଅବର୍ଣ୍ଣନୀୟ ଉଦାହରଣ ଥିଲେ ଏବଂ ବାସ୍ତବରେ ସେ ସେହିପରି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସୁତରାଂ ସେ ନିଃସ୍ୱାର୍ଥପର ହୋଇ ନିଜର ଜୀବନକୁ ଧର୍ମ ସେବାପାଇଁ ଉତ୍ସର୍ଗ କରିଦେଇଛନ୍ତି ।

ସେହିପରି ଯାମିୟା ଅହେମଦୀୟା ଜର୍ମାନିର ଜଣେ ଛାତ୍ର ହାରୁନ୍ ସାହେବ୍ ଲେଖିଛନ୍ତି ଯେ ମୁଁ ଅନେକଥର ଏହା ଅନୁଭବ କରିଛି ଯଦି ଉଭୟ ପକ୍ଷଙ୍କ ମଧ୍ୟରେ କୌଣସି ବିଦ୍ୱେଷଭାବ ସୃଷ୍ଟି ହେଉଥିଲା ସେହି ପରିପେକ୍ଷୀରେ ସନ୍ଧିସ୍ଥାପନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୁମିକା ଗ୍ରହଣ କରୁଥିଲେ । ସେ ଆହୁରି ଉଲ୍ଲେଖ କରନ୍ତି ଯେ ଏକଦା ମୁଁ ତାଙ୍କୁ ପଚାରିଲି କି କଣ ଆପଣ ଛୁଟି ଦିନ ମାନଙ୍କରେ କେବେ କେଉଁଠି ଯାଇଛନ୍ତି କି ? ସେ ଉତର ଦେଲେ ଯେ ଉପସ୍ଥିତ ଖଲିଫାଙ୍କର ଯେଉଁ ସେବା ରହିଛି ସେଠାରେ ଉପସ୍ଥିତ ରହିବା ଏବଂ ଡ୍ୟୁଟି ଦେବା ତାହାହିଁ ୱକ୍‌ଫେ ଜିନ୍ଦେଗୀ ତଥା ଉତ୍ସର୍ଗୀକୃତ ଜିବନ ଅଟେ ଏବଂ ଏହାକୁ ବାଦ୍ ଦେଲେ ମୋର ଜିବନର ଅନ୍ୟ କୌଣସି ଲକ୍ଷ୍ୟ ନାହିଁ । ପୁନଶ୍ଚ ଅନେକ ଲୋକେ ତାଙ୍କର ଚରିତ୍ରାବଳୀ,ତାଙ୍କର ଅତିଥି ସତ୍କାର, ହର୍ଷଚିତ ଓ ପ୍ରେମ ସୌହାର୍ଦ୍ଦ୍ୟର ଚର୍ଚ୍ଚା କରିଛନ୍ତି । ଯେପରି କି ସେ କେବଳ ଯମାତ୍‌ରେ ଏକ ବଡ଼ ପଦବୀରେ ଅଧିଷ୍ଠିତ ହୋଇନଥିଲେ ବରଂ ସାଧାରଣ କର୍ମଜୀବନ ଅତିବାହିତ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କର ଅତି ପ୍ରୀୟ ସାଜି ଥିଲେ । ସେ ଯେଉଁ ବ୍ୟକ୍ତିଙ୍କୁ ଭେଟୁଥିଲେ ତାହାର ମନ ଜିଣିନେଉଥିଲେ ।

ଜର୍ମାନିର ନସିର୍ ବାଜ୍‌ୱା ସାହେବ ଉଲ୍ଲେଖ କରିଛନ୍ତି, ସ୍ୱଗର୍ତ ନାଶିର୍ ସଇଦ୍ ସାହେବ୍ ଜଣେ ଉତମ ଚରିତ୍ରବାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ସମସ୍ତଙ୍କ ପାଇଁ ସୁଭଚିନ୍ତକ ଥିଲେ ସେ ସର୍ବଦା ଏବଂ ସବୁ ସମୟରେ ପ୍ରତ୍ୟେକ ବ୍ୟକ୍ତିର ସେବା କରିବାପାଇଁ ପ୍ରସ୍ତୁତ ରହୁଥିଲେ ଏବଂ ସେ ଅନ୍ୟମାନଙ୍କୁ ସାହାଯ୍ୟ କରି ବହୁତ ଆନନ୍ଦିତ ହେଉଥିଲେ ଏବଂ ଏହି ସେବା କରି ସେ ନିଜେ ଆତ୍ମାତୃପ୍ତି ଓ ଆତ୍ମ ସନ୍ତୋଷ ଲାଭ କରୁଥିଲେ । ପ୍ରତ୍ୟେକ ଦେଶର ଲୋକମାନେ ମତେ ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍‌ଙ୍କ ବିଷୟରେ ପତ୍ର ଲେଖିଛନ୍ତି ଏହି ସମସ୍ତ ପତ୍ରକୁ ବର୍ଣ୍ଣନା କରିବ ଓ ପାଠ କରିବା ତ ସମ୍ଭବ ନୁହେଁ କିନ୍ତୁ ଆମେରିକାର ସୟଦ୍ ୱେସ୍ ସାହେବ ନାମକ ଜଣେ ସେବକ ରହିଛନ୍ତି । ସେ ଲେଖିଛନ୍ତି ଯେ ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍ ଯେତେବେଳେ କି ଆମେରିକା ଭ୍ରମଣ କରିବାକୁ ଆସିଥିଲେ । ସେତେବେଳେ ହର୍ଷଚିତରେ ଲୋକମାନଙ୍କୁ ଭେଟୁଥିଲେ । ତାଙ୍କଠାରେ କେବେ ବି କ୍ଲାନ୍ତର ଲକ୍ଷଣ ପରିଲକ୍ଷିତ ହେଉନଥିଲା । ସେ ଖୁଦାମ୍‌ଙ୍କୁ ଅତ୍ୟନ୍ତ ପ୍ରେମ ପୂର୍ଣ୍ଣଭାବରେ ସାକ୍ଷାତ କରୁଥିଲେ ଏବଂ ସେମାନଙ୍କୁ କୋମଳ ଢ଼ଙ୍ଗରେ ବୁଝାଉଥିଲେ ଏବଂ ସେମାନଙ୍କୁ ଉତ୍ସାହିତ କରିବାର ଯେଉଁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ପ୍ରଚେଷ୍ଟା ତାଙ୍କଠାରେ ରହିଥିଲା, ତାହା ତାଙ୍କର ଏକ ବିଶିଷ୍ଟ ଗୁଣ ଥିଲା । ସେହିପରି ଫିରୋଜା ଆଲମ୍ ସାହେବ ତାଙ୍କର ସେହି ବିଶିଷ୍ଟଗୁଣାବଳୀର ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି କି ଯେତେବେଳେ ସେ ଏଠାରେ ଏକୁଟିଆ ଥିଲେ ସେତେବେଳେ ସେ ବିନମ୍ରତା ପୂର୍ବକ ତାଙ୍କର ଅତିଥି ସତ୍କାର କରିଥିଲେ । ପୁନଶ୍ଚ ତାଙ୍କର ଉପାସନାର ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି କି ମୁଁ ଦେଖିଛି ଯେ ହଜରତ୍ ଖଲିଫତୁଲ୍ ମସହି ରାବେ ର:ଅ ବେମାର ଥିବା ବେଳେ ସେ ମସ୍‌ଜିଦ୍‌ରେ ରାତ୍ର ବେଳା ତହଜ୍ଜୁଦ୍ ନମାଜରେ ଅତ୍ୟନ୍ତ କୋହଭରା ଶବ୍ଦରେ ଦୁଆ କରୁଥିଲେ ।

ଜର୍ମାନିର ଅହେମଦୀୟା ଗୋଷ୍ଠିର ପୂର୍ବତନ ୱକ୍‌ଫେ ଜିନ୍ଦେଗୀର ସଭାପତି ହସ୍‌ନାତ୍ ସାହେବ୍ ତାଙ୍କ ସମ୍ପର୍କରେ ଲେଖିଛନ୍ତି ଯେ, ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍‌ଙ୍କର ଡ୍ୟୁଟିରେ ସମ୍ପୂର୍ଣ୍ଣ ମନ ନିବେଶ ଖିଲାଫତ୍ ସହିତ ବିଶ୍ୱସ୍ତତାକୁ ଦେଖି ମୁଁ ସ୍ତମ୍ଭିଭୂତ ଓ ଗର୍ବିତ । ଗୋଟିଏ ପଟରେ ତାଙ୍କଠାରେ ଅତ୍ୟନ୍ତ ସରଳ ଜିବନର ମାଦକତା ଥିଲା । ଅନ୍ୟପଟରେ ତାଙ୍କ ଭିତରେ ଏକ ଅଭୂତପୂର୍ବ ବୁଦ୍ଧିମତା ମଧ୍ୟ ପରିଲକ୍ଷିତ ହେଉଥିଲା । ପୁନଶ୍ଚ ହସ୍‌ନାତ୍ ସାହେବ କହୁନ୍ତି ଯେ ଖୁଦାମୁଲ୍ ଅହେମଦୀୟାର ସଭାପତି ଭାବେ ଡ୍ୟୁଟି ସମ୍ପର୍କରେ ତାଙ୍କଠାରୁ ମତେ ଅନେକ କିଛି କଥା ଶିଖିବାର ସୁଯୋଗ ମିଳିଥିଲା । ସେ କେବେ ହେଲେ ନିଜ ସ୍ୱାସ୍ଥ୍ୟ କିମ୍ବା ବୟବୃଦ୍ଧି ହେବାର ପରିପ୍ରକାଶ କରିନଥିଲେ । ନିଜର ଡ୍ୟୁଟିରେ ସେ ଅନ୍ୟମାନଙ୍କ ପରି ଯୁବକ ଜଣାପଡୁଥିଲେ ଓ ହସ୍‌ନାତ ସାହେବ ହିଁ ଉଲ୍ଲେଖ କରନ୍ତି କି, ମୁଁ ଅନେକଥର ଏହା ଦେଖିଛି ଯେ ସେ ଏକଥାକୁ କଦାପି ସହ୍ୟ କରିପାରୁନଥିଲେ ଯେ ତାଙ୍କର ବୟବୃଦ୍ଧି ଯୋଗୁଁ ତାଙ୍କୁ ଅନ୍ୟମାନଙ୍କ ତୁଳନାରେ ଅଧିକ ସୁବିଧା ସୁଯୋଗ ପ୍ରଦାନ କରାଯାଉ । ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍ କୁହନ୍ତି ଏକଥା ଠିକ୍ ଯେ ଯେପରି ଅନ୍ୟ ଖୁଦାମ୍ ମାନେ ଡ୍ୟୁଟି ଦେଉଛନ୍ତି କିମ୍ବା ଅଙ୍ଗରକ୍ଷୀମାନେ ଡ୍ୟୁଟି ଦେଉଛନ୍ତି ସେହିପରି ମୁଁ ମଧ୍ୟ ନିଜର ଡ୍ୟୁଟି ସମ୍ପାଦନ କରିବି । ସେ ସର୍ବଦା ନିଜଠାରୁ ସାନ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରୁଥିଲେ ତେଣୁ ହସ୍‌ନାତ୍ ସାହେବ କୁହନ୍ତି ଯେ ତାଙ୍କର ଏପରି ବ୍ୟବହାର ଦେଖି ଆମେ ଲଜ୍ଜିତ ହେଉଥିଲୁ ସେ ଆମର ଖୁଦାମ୍ ପିଲାମାନଙ୍କୁ ଯେଉଁମାନେ ଡ୍ୟୁଟି ଦେଉଥିଲେ ସେମାନଙ୍କୁ ବହୁତ ଉତ୍ସାହିତ କରୁଥିଲେ । ହଜୁର ଅ:ବ:ଅ କହିଲେ ଯେ ହସ୍‌ନାତ୍ ସାହେବ ତାଙ୍କ ସମ୍ପର୍କରେ ଗୋଟିଏ ସୁନ୍ଦର କଥା ଉଲ୍ଲେଖ କରିଛନ୍ତି ଯେ ଲୋକମାନେ କଥାବାର୍ତ୍ତା କିମ୍ବା ସିବିର ଆୟୋଜନ କରି କୌଣସି ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି କିନ୍ତୁ ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍‌ଙ୍କର ଯେଉଁ ପ୍ରଶିକ୍ଷଣ ଥିଲା ତାହା ଥିଲା ତାଙ୍କର ଉପସ୍ଥିତ ବୁଦ୍ଧି. ନିଷ୍ଠା ଓ ଦୁଆର ପ୍ରତିଛବି । ହଁ ତାଙ୍କର ପ୍ରଶିକ୍ଷଣ ଥିଲା ନିସ୍ୱାର୍ଥପର ହୋଇ ନିଜ କର୍ତବ୍ୟ ସମ୍ପାଦନ କରିବା ଉପସ୍ଥିତ ବୁଦ୍ଧି ନିଷ୍ଠା ଓ ଦୁଆ । ସେ ସର୍ବଦା ଏହା କୁହନ୍ତି ଯେ ତାଙ୍କୁ ଯେତେବେଳେ ସୁଯୋଗ ମିଳୁଥିଲା ସେ ସର୍ବଦା ଏହି କଥା କହୁଥିଲେ ଯେ ଦୁଆ କର ଯେ ମୋର ଶେଷ ପରିଣତି ଉତ୍ତମ ହେଉ ।

ଯେପରି ଅନ୍ୟବ୍ୟକ୍ତିମାନେ ଉଲ୍ଲେଖ କରିଛନ୍ତି ସେହିରପି ରକ୍ଷିଆ ଡ୍ରେସ୍କର ଖାଲିଦ୍ ଅହମଦ୍ ସାହେବ ମଧ୍ୟ ଲେଖିଛନ୍ତି ଯେ କେବଳ ନୀରବତାର ସହ ଅଭାବି ଓ ଯୋଗ୍ୟ ହିତାଧିକାରୀଙ୍କୁ ସାହାଯ୍ୟ କରୁନଥିଲେ ବରଂ ଯମାତ୍‌ର ଅନେକ ଧର୍ନାଢ୍ୟ ବ୍ୟକ୍ତିଙ୍କୁ ମଧ୍ୟ ଏବଂ ନିଜର ଗରିବ ଓ ଯୋଗ୍ୟ ଅଭାବି ଭାଇଭଉଣୀମାନଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ସେ ଆଗେଇ ଆସୁଥିଲେ ଏବଂ ଏଥିପାଇଁ ସେମାନଙ୍କୁ ପ୍ରବତାଉ ଥିଲେ ଅର୍ଥାତ ଅନ୍ୟମାନଙ୍କୁ ପର୍ବତାଉ ଥିଲେ, ଉତ୍ସାହିତ କରୁଥିଲେ । ପୁନଶ୍ଚ ତାଙ୍କର ପ୍ରତ୍ୟକ୍ଷ ଗୁଣ ଅତିଥି ସତ୍କାର ଥିଲା । ଜଲ୍‌ସା ଦିନମାନଙ୍କରେ ତାଙ୍କର ଏହି ଗୁଣାବଳୀଗୁଡ଼ିକ ବିଶେଷରୂପେ ଉନ୍ନତିର ଚରମ ସୀମାରେ ରହୁଥିଲା । ଜଲ୍‌ସାରେ ଆଗତ ଅତିଥିମାନଙ୍କର ସାଦର ସତ୍କାର କରୁଥିଲେ ଏବଂ ଅନେକ ଅତିଥିମାନଙ୍କୁ ବିନା ଦ୍ୱିଧାରେ ମର୍କଜରୁ ଆଗତ ଅତିଥି ଅବା ଅନ୍ୟ ଦେଶରୁ ଆଗତ ଅତିଥିମାନଙ୍କୁ ଦୈନିକ ପ୍ରାତଃ ଓ ସଂଧ୍ୟାରେ ନିଜ ବାସଭବନକୁ ନିମନ୍ତ୍ରଣ କରି ଅବାଧ ରୂପେ ସଭା ଆୟୋଜନ କରି ସେମାନଙ୍କୁ ସ୍ୱାଦିଷ୍ଟ ବ୍ୟଞ୍ଜନ ତିଆରି କରି ଭୋଜନ କରାଉଥିଲେ ଏବଂ ଏଥିସହ ପ୍ରତ୍ୟେକ ଅତିଥିମାନଙ୍କୁ ମସ୍‌ଜିଦ୍‌ରେ ବିଛା ହୋଇଥିବା ଗୋଟିଏ ଗୋଟିଏ ଯାଏ ନମାଜ ଉପହାର ଦେଉଥିଲେ ।

ସେହିପରି ଜର୍ମାନିର ଆଉ ଜଣେ ବ୍ୟକ୍ତି ହେଉଛନ୍ତି ଅତହର୍ ଜୁବୈର୍ ସାହେବ୍ ସେ ମଧ୍ୟ ବିଶେଷ ରୂପେ ଏହା ଉଲ୍ଲେଖ କରିଛନ୍ତି କି ଯେ ତାଙ୍କର ଖିଲାଫତ୍ ସହିତ ଅତ୍ୟନ୍ତ ବିଶ୍ୱସ୍ତତାର ସମ୍ପର୍କ ଥିଲା ସେ ଜଣେ ସଙ୍କୋଚ ବ୍ୟକ୍ତି ଥିଲେ ଏବଂ ତାଙ୍କର କଥନ ଶୈଳୀ ଅତ୍ୟନ୍ତ ନମ୍ର ଥିଲା । ଡ୍ୟୁଟି ବେଳେ ମୁଁ ଅନେକ ଥର ଦେଖିଛି ଯେ ପରବର୍ତୀ ସିଫ୍ଟରେ ଆସିବାକୁ ଥିବା କର୍ମଚାରୀଙ୍କର ଯଦି ଆସିବାରେ ବିଳମ୍ବ ହୋଇଯାଉଥିଲା, ତେବେ ସେ କୌଣସି ଅଭିଯୋଗ କରୁନଥିଲେ ବରଂ ଅଲ୍ଲାଃ ତାଲାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଥିଲେ ଏବଂ କହୁଥିଲେ ଯେ ଅଲ୍ଲାଃ ତାଲା ମତେ ଖିଲାଫତ୍ ନିମନ୍ତେ ଅତିରିକ୍ତ ଡ୍ୟୁଟି ଦେବାର ସୁଯୋଗ ପ୍ରଦାନ କରିଛନ୍ତି ଏବଂ ସେ ସର୍ବଦା ଖିଲାଫତ୍ ଡ୍ୟୁଟି ପାଇଁ ତତ୍ପର ରହୁଥିଲେ । ଯେତେବେଳେ ସେ ଅସୁସ୍ଥ ରହୁଥିଲେ ସେତେବେଳେ ସେ ଡ୍ୟୁଟି ସମ୍ପାଦନ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | Aconite - 200 | Arsenic Alb - 200 | Gelsemium - 200 |

| | |
|---|---|
| (ii) | Chelidonium Maj - 1x |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୂପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | Influenzinum-200 | Bacillinum-200 | Diphtherinum-200 |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | Arnica-30 | Baptisea-30 | Arsenic Alb-30 |
| | Heper Sulph-30 | Nat. Sulph-30 | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | Chelidonium Maj - 1x |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

କରିବାରୁ ମଧ୍ୟ ଶିଘ୍ର ଚାଲିଯିବାକୁ ଇଚ୍ଛା ପ୍ରକାଶ କରୁନଥିଲେ ବରଂ ମୁଁ ଶୁଣିଛି ଯେ ରୋଗ ଓ ଅସୁସ୍ଥତାର ଶେଷ ସମୟରେ ମଧ୍ୟ ସେ ନିଜ ପୁତ୍ରଙ୍କୁ ଏହା ପଚାରିଲେ ଯେ ବର୍ତମାନ ସମୟ କଣ ? ଏହାର ଅର୍ଥ ହେଲା ଆଜିର ଡ୍ୟୁଟି ତ ଚାଲିଗଲା । ଅସୁସ୍ଥତାର ତିବ୍ରତାର ସମୟରେ ମଧ୍ୟ ସେ ନିଜ ଡ୍ୟୁଟି ପାଇଁ ଚିନ୍ତିତ ଥିଲେ ପୁନଶ୍ଚ ହମ୍‌ଜା ରସିଦ୍ ସାହେବ କୁହନ୍ତି ଯେ ସେ ବହୁତ ଭଲପାଇବା ଓ ଉତ୍ସାହିତ କରୁଥିବା ପୁଣ୍ୟବାନ ବ୍ୟକ୍ତି ଥିଲେ । ଖୁଦାମ୍‌ମାନଙ୍କ ପାଇଁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ । ସେ ପରୋପକାରୀ ପରିଶ୍ରମର ସହ ଡ୍ୟୁଟି ସମ୍ପାଦନକାରୀ ବ୍ୟକ୍ତି ଥିଲେ । ସେ ଖିଲାଫତ୍‌କୁ ବହୁତ ବେଶି ଭଲ ପାଉଥିଲେ ସେ ଖୁଦାମ୍‌ମାନଙ୍କୁ ସର୍ବଦା ଏକଥା କହୁଥିଲେ ଓ ଉତ୍ସାହିତ କରୁଥିଲେ କି ତୁମେମାନେ ଅତ୍ୟନ୍ତ ଉତ୍ସାହ ସହ ଖଲିଫାଙ୍କ ସେବାରେ ଡ୍ୟୁଟି ଦେବା ଉଚିତ ଏବଂ ଏହି କଥାକୁ ନିଜର ସମସ୍ତ ବସ୍ତୁ ଉପରେ ଅଗ୍ରାଧିକାର ଦେବା ଉଚିତ ।

ଇଣ୍ଡୋନେସିଆର ମୁବ୍‌ଲିଗ୍ ସାହେବ ଶ୍ରୀମାନ୍ ସୟଦ ତାହେର୍ ସାହେବ୍ କୁହନ୍ତି ଯେତେବେଳେ ମଧ୍ୟ ମତେ ସାକ୍ଷାତ କରୁଥିଲେ ଇଣ୍ଡୋନେସିଆର ଚର୍ଚ୍ଚା କରୁଥିଲେ ଯେତେବେଳେ ସେ ୨୦୦୦ ମସିହାର ହଜ୍‌ରତ ଖଲିଫତୁଲ୍ ମସିହ୍ ରାବେଙ୍କ ସହିତ ଇଣ୍ଡୋନେସିଆ ଆଗମନ କରିଥିଲେ ସେତେବେଳେ ସେ ସେହି ସମୟର କଥା ସବୁ ଚର୍ଚ୍ଚା କରୁଥିଲେ । ସେ କୁହନ୍ତି ଯେ ଏକଦା ସେ ମସ୍‌ଜିଦ୍ ଆସିଲେ ଏବଂ ସେତେବେଳେ ସେଠାରେ ଲୁଗା ସଫା କରିବାର ବ୍ୟବସ୍ଥା ନଥିଲା । ତେବେ ଆମେ ତାଙ୍କୁ କହିଲୁ କି ଆମକୁ ଲୁଗାପଟା ଦିଅନ୍ତୁ ଆମେ ବାହାରୁ ଧୋଇ ଆଣିବୁ କିନ୍ତୁ ସେ ଓ ତାଙ୍କ ଅନ୍ୟ ସାଥିମାନେ କହିଲେ ଯେ, ଆମେମାନେ ନିଜର ଲୁଗାପଟା ନିଜେ ଧୋଇଥାଉ କାରଣ ଆମେମାନେ ଚାକର ଶ୍ରେଣୀୟବ୍ୟକ୍ତି ଆମେ ଏପରି ଉଚ୍ଚ ପଦସ୍ଥ ଅଧିକାରୀ ନାହୁଁ ଯେ, ଆମେ ମାନେ ଅନ୍ୟମାନଙ୍କୁ ନିଜର ପୋଷାକ ଧୋଇବାକୁ ଦେବୁ । ସୁତରାଂ ଆମର ସତଚେଷ୍ଟା ସତ୍ୱେ ବି ସେମାନେ ନିଜର ଲୁଗାପଟା ସଫା କରିବାକୁ ଦେଇନଥିଲେ । ବର୍ତମାନ ଏହା ପ୍ରତ୍ୟକ୍ଷ ରୂପେ ଗୋଟିଏ ଗୋଟିଏ ଛୋଟ ଓ ଅସଧାରଣ କଥା ଭଳି ଜଣାପଡୁଛି । କିନ୍ତୁ ଜଣେ ୱକ୍‌ଫେ ଜିନ୍ଦେଗୀ ଅର୍ଥାତ ଉତ୍ସଗୀକୃତ ଜିବନର ଆଦର୍ଶଗତ ଆତ୍ମା ଉକ୍ତ କଥାରୁ ଅନୁମିତ ହୁଏ ଯେ ଏକ ୱକ୍‌ଫେ ଜିନ୍ଦେଗୀକୁ କିଭଳି ହେବା ଉଚିତ ଓ ଯୁବ ପିଢ଼ୀଙ୍କୁ ମଧ୍ୟ ଏଥିରୁ ଶିକ୍ଷା ନେବା ଉଚିତ ।

ୟୁ.କେ ର ପୂର୍ବତନ ସଂଚାଳକ ଅଦ୍‌ନାନ୍ ଜଫର୍ ସାହେବ ମଧ୍ୟ ଲେଖିଛନ୍ତି ଯେ, ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍‌ଙ୍କୁ ସର୍ବଦା ନିଜର ଡ୍ୟୁଟି ଦେବା ପ୍ରତି ସଚେତନ କରାଉଥିଲେ ଏବଂ ବିଶେଷରୂପେ ସେ ଯେଉଁ କଥା ଉଲ୍ଲେଖ କରଛନ୍ତି ତାହା ହେଲା ଖିଆପିଆର ଧ୍ୟାନ ରଖିବାର ଆବଶ୍ୟକତା ମଧ୍ୟ ଡ୍ୟୁଟି ବେଳେ ଦେବା ଉଚିତ ଏବଂ ଏହା ବ୍ୟତିତ ଅନ୍ୟକଥା ସମ୍ପର୍କରେ ଉଲ୍ଲେଖ କରି କୁହନ୍ତି ଯେ, ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍ ପ୍ରତ୍ୟେକ ଖିଲାଫତ୍‌ର ଆଦାବ ଅର୍ଥାତ ସମ୍ମାନ କରିବା ସମ୍ପର୍କରେ ଶିକ୍ଷା ଦେଇଥିଲେ । ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବାର କୌଶଳ ସମ୍ପର୍କରେ ମଧ୍ୟ ମତେ ଅବଗତ କରାଇଥିଲେ । ସେ ଅତ୍ୟନ୍ତ ଦୁରଦର୍ଶୀ ବ୍ୟକ୍ତିତ୍ୱର ଅଧିକାରି ଥିଲେ ଯେତେବେଳେ ବି ତାଙ୍କଠାରୁ କୌଣସି ପ୍ରସଙ୍ଗରେ ମତ ଲୋଡ଼ା ଯାଉଥିଲା । ସେତେବେଳେ ସେ ଅତ୍ୟନ୍ତ ମୁଲ୍ୟବାନ ଓ ଉପକୃତ ହେବାପରି ପରାମର୍ଶ ପ୍ରଦାନ କରୁଥିଲେ ।

ସେହିପରି ହିଫାଜତେ ଖାସ୍‌ର ଜଣେ କର୍ମଚାରୀ ଅତହର୍ ଅହମଦ୍ ସାହେବ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ମୁଁ ଦୀର୍ଘ ନଅ ବର୍ଷ ପର୍ଯ୍ୟନ୍ତ ତାଙ୍କ ସହିତ ଡ୍ୟୁଟି ଦେଇଛି ଅର୍ଥାତ ୨୦୧୧ ମସିହାରୁ ୨୦୧୯ ମସିହ ପର୍ଯ୍ୟନ୍ତ ମୁଁ ପୂର୍ବେ ଉମୁମି ବିଭାଗରେ ଡ୍ୟୁଟି ଦେଉଥିଲି ଏବଂ ପରେ ହିଫାଜତେ ଖାସ୍‌ରେ ସାମିଲ ହେଲି । ତେବେ ମୁଁ ତାଙ୍କୁ ପଚାରିଲି ଯେ ଆପଣ ଦୀର୍ଘ ୪୮ ବର୍ଷ ତିନି ଖଲିଫାଙ୍କ ସହିତ ଡ୍ୟୁଟି ଦେଇଛନ୍ତି । ଆପଣ ମତେ କୌଣସି ଉପଦେଶ ଦିଅନ୍ତୁ କି ମୁଁ ବି ଆପଣଙ୍କ ପରି ଡ୍ୟୁଟି ଦେଇପାରିବି । ପ୍ରତିଉତରରେ ସ୍ୱର୍ଗତ ନାଶିର୍ ସଇଦ୍ ସାହେବ୍ କହିଲେ ଏଠାରେ ନିଜ ଆଖି ଓ କାନକୁ ସର୍ବଦା ଖୋଲା ରଖିବ ଅର୍ଥାତ ସର୍ବଦା ଜାଗ୍ରତ ପ୍ରହରୀ ପରି ରହିବ ଏବଂ ମୁଖକୁ ସର୍ବଦା ବନ୍ଦ ରଖିବ ଅର୍ଥାତ କେବେ ବି କୌଣସି କଥା ମୁହଁରୁ ବାହାରିବ ନାହିଁ । ଏଥି ସହିତ ଦୁଆ ମଧ୍ୟ କରିବ । ସାଧାରଣ ଭାବରେ କହିବାକୁ ଗଲେ ଉକ୍ତ ଉପଦେଶଟି କେବଳ ପ୍ରତ୍ୟେକ ୱକ୍‌ଫେ ଜିନ୍ଦେଗୀ ପାଇଁ ଅତ୍ୟନ୍ତ ଆବଶ୍ୟକ ନୁହେଁ ବରଂ ଏହା ଉପରେ କାର୍ଯ୍ୟନୁଶରଣ କରିବା ପ୍ରତି କର୍ମଚାରୀ ଓ ଯମାତ୍‌ର ସେବକ ତଥା ପ୍ରତ୍ୟେକ ପଦାଧିକାରୀଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ । ଏହା ଅତ୍ୟନ୍ତ ଜ୍ଞାନବର୍ଦ୍ଧକ ଉକ୍ତି ଅଟେ । ପୁନଶ୍ଚ କୁହନ୍ତି ଯେ ଲୋକମାନେ ତାଙ୍କ ସହିତ ଡ୍ୟୁଟି କରି ତାଙ୍କୁ ଲାଲାଜୀ ବୋଲି ସମ୍ବୋଧିତ କରୁଥିଲେ ଓ କହୁଥିଲେ ଯେ ଲାଲାଜୀଙ୍କ ସହିତ ଡ୍ୟୁଟି କରି ଆମେ ଜାଣିପାରିଲୁ ଯେ ଯେତେବେଳେ କୌଣସି ଅଫିସର ତରଫରୁ କୌଣସି ନିର୍ଦ୍ଦେଶ ଆସେ ତେବେ ସେହି ନିର୍ଦ୍ଦେଶକୁ ସେହିଭଳି ପାଳନ କରିବା ଉଚିତ । ସେ ନିଜେ ମଧ୍ୟ ତାହାକୁ ପାଳନ କରି ଦେଖାଇଥିଲେ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏହିପରି କରିବାକୁ କହୁଥିଲେ । ସେ କେବେ ହେଲେ ସେହି ଆଦେଶରୁ କୌଣସି ଅର୍ଥ ବାହାର କରୁନଥିଲେ ଯେ ଏହି ଆଦେଶଟି ଏପରି ବା ସେହିପରି ଅଟେ । ତାଙ୍କୁ ଯେମିତି କୁହାଯାଉଥିଲା ଯେପରି ନିର୍ଦ୍ଦେଶ ଦିଆଯାଉଥିଲା ସେହିପରି ସେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରୁଥିଲେ ଏବଂ ଆମମାନଙ୍କୁ ମଧ୍ୟ ଏହିପରି କରିବାକୁ କହୁଥିଲେ ଏବଂ ଯଦି ତାଙ୍କୁ କୁହାଯାଉଥିଲା ଯେ ଅମକ ସିଫ୍ଟର ଇନ୍‌ଚାର୍ଜ ତ ଏପରି କରନ୍ତି ଆଉ ଆପଣ ତା'ର ବିପରୀତ କରୁଛନ୍ତି । ତେବେ ସେ ଏହା ଉତରରେ କହୁଥିଲେ କି ମୁଁ ଜାଣେନାହିଁ ଯେ ସେ କିପରି ଓ କଣ କରୁଥିଲେ । ମତେ କେବଳ ଏତିକି ଜଣା ଓ ମତେ ଏତିକି ଆଦେଶ ଦିଆଯାଇଛି ଓ ମତେ ଯେପରି ଆଦେଶ ଦିଆଯାଇଛି ମୁଁ ସେହିପରି ହିଁ କରିବି ପୁନଶ୍ଚ ସେ କୁହନ୍ତି ଯେ ସେ ମତେ ଦୁଆ ପାଇଁ ବିଶେଷରୂପେ କହୁଥିଲେ କି ମୁଁ ଯେପର୍ଯ୍ୟନ୍ତ ଜୀବିତ ଅଛି ଅଲ୍ଲାଃ ତାଲା ମତେ ଚଲାବୁଲା କରିବାକୁ ସମର୍ଥ ରଖିଥାନ୍ତୁ ଓ ଯେତେବେଳେ ମୋର ଶେଷ ସମୟ ଆସିଯିବ ସେତେବେଳେ ଅଲ୍ଲାଃ ତାଲା ମତେ ଏହି ଚଲାବୁଲା ଅବସ୍ଥାରେ ତାଙ୍କ ନିକଟକୁ ନେଇ ଯାଆନ୍ତୁ । ଅଲ୍ଲାଃ ତାଲା ମତେ କାହାରି ଆଗରେ ହାତ ପାତିବାକୁ ସୁଯୋଗ ଦିଅନ୍ତୁ ନାହିଁ । ସୁତରାଂ ଅଲ୍ଲାଃ ତାଲା ତାଙ୍କର ଏହି ସଦିଚ୍ଛା ଅନୁଯାୟୀ ତାଙ୍କ ସହିତ ଏହିଭଳି ବ୍ୟବହାର ପଦର୍ଶନ କଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ଦୟା ଆଚରଣ କରନ୍ତୁ ଓ ତାଙ୍କୁ ବୈକୁଣ୍ଠରେ ତାଙ୍କ ସ୍ତର ବୃଦ୍ଧି କରନ୍ତୁ ।

ତାଙ୍କର ସ୍ତ୍ରୀଙ୍କୁ ମଧ୍ୟ ନିରୋଗ ଓ ଦୀର୍ଘାୟୁ ଓ ଧୈର୍ଯ୍ୟ ତଥା ସାହାସ ପ୍ରଦାନ କରନ୍ତୁ । ଯେପରି ମୁଁ ପୂର୍ବେ କହିଲି ଯେ ଅଲ୍ଲାଃ ତାଲା କେବଳ ତାଙ୍କ ପୁତ୍ରଙ୍କୁ ଯମାତ୍ ଓ ଖିଲାଫତ୍ ସହିତ ସଂସ୍ଲିଷ୍ଟ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ନାହିଁ ବରଂ ତାଙ୍କ ଆଗାମୀ ବଂଶଧର ମାନଙ୍କୁ ମଧ୍ୟ ଯମାତ୍ ଓ ଖିଲାଫତ୍ ସହିତ ସଂସ୍ଲିଷ୍ଟ କରନ୍ତୁ । ଆମିନ୍...

ମୁଁ ତାଙ୍କୁ ସେହି ସମୟରୁ ହିଁ ଚିହ୍ନିଛି ଯେତେବେଳେ ସେ ରବ୍‌ୱାରେ ଯମାତ୍‌ର ସେବା କରିବାକୁ ନିଜକୁ ଉତ୍ସଗ କରିଥିଲେ । ନିଃସନ୍ଦେହ ଉଲ୍ଲେଖକାରୀମାନେ ଯାହାବି ଉଲ୍ଲେଖ କରିଛନ୍ତି ତାହା ବାସ୍ତବ ଉପରେ ଆଧାରିତ । ସେ ନିଃସ୍ୱାର୍ଥପର ହୋଇ ସେବା କରୁଥିଲେ ଓ ସମ୍ପୁର୍ଣ୍ଣ ଆଜ୍ଞାବହତା ପରିପ୍ରକାଶ କରୁଥିଲେ । ତାଙ୍କର ବିୟୋଗ ଏପରି ସମୟରେ ହୋଇଛି ଯେଉଁ ସମୟରେ ଯନାଜାଃ ପାଇଁ ଅଧିକ ଲୋକ ସାମିଲ ହୋଇପାରିନଥିଲେ କିଛି ସମୟ ଧରି ସେ ହୃଦରୋଗରେ ପୀଡ଼ିତ ଥିଲେ । ତାଙ୍କର **ଏନ୍‌ଜିଓ ପ୍ଲାଷ୍ଟି** ମଧ୍ୟ ହୋଇଥିଲା କିଛି ଦିନ ପୂର୍ବେ ସେ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ଡ଼ାକ୍ତରଖାନାରେ ମଧ୍ୟ ଆଡ଼ମିଟ୍ ଥିଲେ । ସେତେବେଳେ ଡ଼ାକ୍ତରମାନେ କହିଲେ କି, ଶିଘ୍ର ତାଙ୍କୁ ଆଡ଼ମିଟ୍ କର କାରଣ ତାଙ୍କୁ ଗଭୀର ହୃଦଘାତ ହୋଇଛି ଏହାପରେ ଡ଼ାକ୍ତରମାନେ କହିଲେ କି ତାଙ୍କୁ କରୋନା ଭୁତାଣୁ ମଧ୍ୟ ଆକ୍ରମଣ କରିଛି ଅଲ୍ଲାଃ ତାଲା ଭଲଭାବେ ଜାଣନ୍ତି ଯେ ସେ ଏହି ରୋଗରେ କିପରି ଆକ୍ରାନ୍ତ ହେଲେ । ସେ କେଉଁ ବ୍ୟକ୍ତି ସଂସ୍ପର୍ଶରେ ଆସି ଉକ୍ତ ରୋଗରେ ଆକ୍ରାନ୍ତ ହେଲେ କିମ୍ବା ଡ଼ାକ୍ତରଖାନାକୁ ଯାଇ ସେ କୌଣସି ରୋଗୀଙ୍କ ସଂସ୍ପର୍ଶରେ ଆସି ଉକ୍ତ ରୋଗରେ ଆକ୍ରାନ୍ତ ହୋଇଥିଲେ । ତାହା ଅଲ୍ଲାଃଙ୍କୁ ଜଣା ସେ ଯାହା ହେଉ ନା କାହିଁକି କିଛି ଦିନ ଡ଼ାକ୍ତରଖାନାରେ ଚିକିତ୍ସାଧିନ ରହିବାପରେ ସେହିଠାରେ ହିଁ ନିଜର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଅଲ୍ଲାଃ ତାଲାଙ୍କ ନିକଟରେ ଉପସ୍ଥିତ ହୋଇଯାଇଥିଲେ । ଏଠାରେ ଆଇନର ଯେଉଁ କଟକଣା ରହିଛି ସେହି କାରଣରୁ ତାଙ୍କର ଯନାଜାଃ ମଧ୍ୟ ଏଠାକୁ ଅଣାଯାଇ ପାରିନଥିଲା ଏବଂ କିଛି ନିକଟ ସମ୍ପର୍କୀୟ ବ୍ୟକ୍ତିଙ୍କ ବ୍ୟତିତ ଅନ୍ୟ କେହି ତାଙ୍କ ଯନାଜାଃ ରେ ସାମିଲ ହୋଇପାରିନଥିଲେ । ନମାଜ ଯନାଜାଃ ପାଇଁ ପୁଣି ସର୍ତ ରହିଥିଲା ଯେ ତାଙ୍କର ଘର ହିଁ ତାଙ୍କର ଅନ୍ତିମ ସଂସ୍କାର ପାଲଟି ଥିଲା ଏବଂ ସେହିଠାରେ ହିଁ ତାଙ୍କୁ କବର ଦିଆଯାଇଥିଲା ସେ ଯାହା ହେଉ ନା କାହିଁକି ଆଜିକାଲି ଯେଉଁ ପରିସ୍ଥିତି ରହିଛି ସେହି କାରଣରୁ ମୁଁ ତାଙ୍କର ଯନାଜାଃ ଗାଏବ୍ ପରେ କୌଣସି ସମୟରେ ପଢ଼ାଇବି । ଇନ୍‌ଶାଅଲ୍ଲାଃ ତାଲା

ଯେପରି ମୁଁ ପୂର୍ବେ ଆଲୋଚନା କଲି ଯେ ତାଙ୍କର ଗୁଣାବଳୀ ସମ୍ପର୍କରେ ଅନେକ ଲୋକ ଉଲ୍ଲେଖ କରିଛନ୍ତି ଏବଂ ଯାହାକିଛି ବି ତାଙ୍କ ସମ୍ପର୍କରେ ଲେଖିଛନ୍ତି ତାହା ପ୍ରକୃତ ପକ୍ଷେ ବାସ୍ତବ ଉପରେ ଆଧାରିତ ଏବଂ ତାଙ୍କଠାରେ ଉକ୍ତ ଗୁଣାବଳୀ ବିଦ୍ୟମାନ ଥିଲା । ମୁଁ ଯେପରି ପୂର୍ବେ କହି ଆସିଲି ଯେ, ସେ ଜଣେ ନିଷ୍ଠାପର ସେବକ ଓ ନିଜର ପ୍ରତିଜ୍ଞା ଓ ପ୍ରତିଶୃତିକୁ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ନିର୍ବାହ କରି ଏହି ଇହଧାମ ତ୍ୟାଗ କରିଛନ୍ତି ସେ ଅଲ୍ଲାଃ ତାଲାଙ୍କ ନିକଟରେ ଯେଉଁ ଶପଥ କରିଥିଲେ ତାହାକୁ ସେ ପୂର୍ଣ୍ଣ କରି ଦେଖାଇଛନ୍ତି ଆମେ ତାଙ୍କ ଜୀବନରେ ମଧ୍ୟ ଏହାର ପ୍ରତିଛବୀ ପରିଲକ୍ଷିତ କରିଅଛୁ । ଏହି ଦୃଷ୍ଟିକୋଣରୁ ସେ ସେହି ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୁଅନ୍ତୁ ଯାହାଙ୍କ ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଯେ ଏପରି ବ୍ୟକ୍ତିମାନେ ଶହୀଦ ଅଟନ୍ତି । ଅଲ୍ଲାଃ ତାଲା ତାଙ୍କୁ ସେହି ବ୍ୟକ୍ତିଙ୍କ ମଧ୍ୟରେ ସାମିଲ କରନ୍ତୁ ଏବଂ ଏହି ରୋଗ ରେ ଯେଉଁ ଅହେମଦୀମାନେ ମୃତ୍ୟୁବରଣ କରୁଛନ୍ତି ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଅର୍ଥାତ ଏ କରୋନା ରୋଗରେ । ଅଲ୍ଲାଃ ତାଲା ଭଲଭାବରେ ଜାଣନ୍ତି ଯେ କେଉଁ ବ୍ୟକ୍ତି ସହିତ କିଭଳି ବ୍ୟବହାର ପଦର୍ଶନ କରିବା ଉଚିତ । ଆମମାନଙ୍କର ଅଲ୍ଲାଃ ତାଲାଙ୍କ ନିକଟରେ କେବଳ ଏତିକି ଗୁହାରି ଯେ ଆମେମାନେ ଅଲ୍ଲାଃ ତାଲାଙ୍କର ଦୟା ଓ କୃପାର ଅଧିକାରୀ ହେବାପାଇଁ ସେ ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍..........

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୨ର ଅବଶିଷ୍ଟାଂଶ ......*

ପ୍ରମାଣିତ ହୋଇଥାଏ ଯେତେବେଳେ ସମସ୍ତ ପୂର୍ଣ୍ଣ ବିଶେଷଗୁଣଗୁଡ଼ିକ ତାହାଙ୍କ ନିକଟରେ ମିଳିଥାଏ ।"

*(ଅୟାମୁସ୍ ସୁଲାହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୪, ପୃ-୨୪୭)*

ଏକଥା ଏଥିପ୍ରତି ଇଙ୍ଗିତ କରୁଛି ଯେ ଏହା ପ୍ରମାଣିତ ହେଉ କି ଅଲ୍ଲାଃଙ୍କର ଯେଉଁ ନାମ ଅଛି ତାହା ସମସ୍ତ ବିଶେଷଗୁଣକୁ ନିଜ ଭିତରେ ଭରି ରଖିଥିବ । ବରଂ ସମସ୍ତ ପୂର୍ଣ୍ଣ ଗୁଣଗୁଡ଼ିକର ବାହାକ ଓ କୌଣସି ଦୃବଳତା ସେଥିରେ ନାହିଁ । ଅଲ୍ଲାଃ ହେଉଛନ୍ତି ଅନନ୍ତ ଓ ଅନାଦି, ସ୍ୱୟଂ ଜୀବିତ ଓ ସ୍ୱୟଂ ପ୍ରତିଷ୍ଠିତ ମାଲିକ ଓ ସୃଷ୍ଟିକର୍ତ୍ତା ଏବଂ ସକଳ ଜୀବର ପାଳନକର୍ତ୍ତା । ସୁତରାଂ ଅଲ୍ଲାଃ ହେଉଛି ସେହି ଅସ୍ତିତ୍ୱର ନାମ ଯିଏ ସମସ୍ତ ବିଶେଷ ଗୁଣର ଆବାହକ । ଅଲ୍ଲାଃ ହେଉଛି ଖୁଦାଙ୍କର ନିଜସ୍ୱ ନାମ । ଅନ୍ୟ କୌଣସି ଧର୍ମ ଏହି ନାମକରଣ କରିନାହିଁ କେବଳ ଇସ୍‌ଲାମ୍‌ରେ ଏହି ନାମ ମିଳିଥାଏ ଏବଂ ଅଲ୍ଲାଃ ତାଲାଙ୍କ ନାମ କେବଳ ପବିତ୍ର କୁର୍‌ଆନ୍‌ରେ ରହିଛି । ଅନ୍ୟ କୌଣସି ଶରିୟତ (ଐଶିବିଧାନ)ରେ ଏହି ନିଜସ୍ୱ ନାମ କେଉଁଠାରେ ମିଳୁନାହିଁ ଏବଂ ଏହା ହେଉଛି ସେହି ଖୁଦା ଯିଏ ନିଜ ଅସ୍ତିତ୍ୱରେ ଏକା, ଅନ୍ୟ କେହି ତାହା ସହିତ ସମ୍ମିଳିତ ନୁହନ୍ତି ।

**କୁଲ୍ ହୁଓ୍ୱଲ୍ଲାହୁ ଆହାଦ୍** : କହି ଅଲ୍ଲାଃ ତାଲା ମୋମିନ୍‌ମାନଙ୍କୁ କେବଳ ଏକେଶ୍ୱରବାଦର ଘୋଷଣା କରିବାପାଇଁ କହିଲେ । ନାସ୍ତିକମାନେ ଭାବୁଛନ୍ତି ଯେ ଖୁଦାତାଲାଙ୍କର କୌଣସି ଅସ୍ତିତ୍ୱ ନାହିଁ ଓ ଏ ଦୁନିଆ ଆପଣାଛାଏଁ ସୃଷ୍ଟି ହୋଇଯାଇଛି ଏବଂ କୌଣସି ଖୁଦାଙ୍କର ଏ ଦୁନିଆ ଉପରେ ଆୟତ ନାହିଁ । ହଁ ଏକତା ନିଶ୍ଚିତ ରୂପେ ବୁଝୁଛନ୍ତି ଯେ ଆମେ ନିଜ ଇଛା ଅନୁସାରେ ଏବଂ ନିଜର ଚେଷ୍ଟାଦ୍ୱାରା ଏ ପୃଥିବୀରେ ପରିବର୍ତ୍ତନ ଆଣିପାରିବୁ । ଅତଏବ୍ ଅଲ୍ଲାଃ ତାଲା କହୁଛନ୍ତି ଯେ ସେମାନଙ୍କୁ ଏକତା ସ୍ପଷ୍ଟ କରିଦିଅ ଯେ ତୁମେ ହେଉଛ ମିଥ୍ୟାବାଦୀ । ଅଲ୍ଲାଃ ଅଛନ୍ତି ଓ ସେ ସମସ୍ତ ଦୋଷ ଦୃବଳତାରୁ ପବିତ୍ର ଅସ୍ତିତ୍ୱ ଅଟନ୍ତି ଏବଂ ସମସ୍ତ ବିଶେଷଗୁଣର ସେ ଆବାହକ ଏବଂ ତାହାଙ୍କ ବିଶେଷଗୁଣ ସଦାସର୍ବଦା ଶୋଭାପାଉଛି । ଖୁଦାତାଲା କହୁଛନ୍ତି ଯେ ତୁମମାନଙ୍କ ଜୀବନର ଉପକରଣ ମୋ ଦୟାର ଫଳ । ତୁମେ ମୋର ଦୟାର ପାତ୍ର । କଣ ତୁମେ ସୂର୍ଯ୍ୟ, ଆଲୋକ, ପବନ, ଋତୁ, ପାଣି, ଭୂମି ଇତ୍ୟାଦି ସୃଷ୍ଟି କରିଛ ? ଏହା ସବୁ ଖୁଦାଙ୍କ ଦ୍ୱାରା ସୃଷ୍ଟି । କେବଳ ଯଦି ପାଳନକର୍ତ୍ତାର ପାର୍ଶ୍ୱଟିକୁ ହିଁ ନେଇ ଦେଖ, ଏଥିରେ ଅଲ୍ଲାଃ ତାଲା କହୁଛନ୍ତି ଯେ ତୁମେମାନେ ସମସ୍ତେ ମୋ ରବୁିବିୟତ୍ (ପାଳନକ୍ରୀୟା) ବିନା ବଂଚିପାରିବା ନାହିଁ । ଏହା ଅଲ୍ଲାଃଙ୍କ ରହ୍‌ମାନିୟତ୍ ଅର୍ଥାତ କରୁଣା ଯେ ସେ ମଣିଷର ଉଦଣ୍ଡ ସ୍ୱଭାବକୁ ଦେଖିବା ସତ୍ୱେ ମଧ୍ୟ ତାକୁ ଜୀବନ ଜିଇଁବାର ସାଧନ ଯୋଗଇ ଦେଉଛି ବରଂ ଜୀବନକୁ ତିଷ୍ଠି ରଖିବାପାଇଁ ସେ (ଅଲ୍ଲାଃ) କୋଟି କୋଟି ବର୍ଷ ପୂର୍ବରୁ ହିଁ (ଜୀବନ ଜିଇଁବାର) ସାଧନସବୁ ଯୋଗାଇ ଦେଇଛି । ଏବେ ଏହି ପାଣିକୁ ଦେଖନ୍ତୁ, ଯଦି ଏହି ପାଣି ଶେଷ ହୋଇଯାଏ ତେବେ ଜୀବନ ଶେଷ ହୋଇଯିବ । କଣ ଏ ଲୋକମାନେ ପାଣି ଆଣିପାରିବେ, ଅଲ୍ଲାଃ ତାଲା କହୁଛନ୍ତି ଯେ:

**କୁଲ୍ ଅରହଇତୁମ୍ ଇନ୍ ଅସ୍‌ବହା ମାଉକୁମ୍ ଗୌରନ୍**
**ଫମନ୍ ୟାତିକୁମ୍ ବିମାଇମ୍ ମଇନ୍**
(ଅଲ୍‌ମୁଲକ୍ : ୩୧)

ଅର୍ଥାତ: ତୁମେ କୁହ, "ଆମକୁ କୁହ ତ ଭଲା, ଯଦି ତୁମମାନଙ୍କର ସବୁ ଜଳ ପୃଥିବୀର ଗଭୀରତା ମଧ୍ୟରେ ବିଲୀନ ହୋଇଯିବ, ତେବେ ଅଲ୍ଲାଙ୍କ ବ୍ୟତିତ ତୁମମାନଙ୍କ ପାଇଁ ପ୍ରବାହମାନ ଜଳକୁ ଅନ୍ୟ କିଏ ଆଣିଦେବ" । ଏଥବରୁ ଆଧ୍ୟାତ୍ମିକ ପାଣିର ଅର୍ଥ କରାଯାଇପାରେ ଓ ପ୍ରକାଶ୍ୟ ପାଣିର ଅର୍ଥ ମଧ୍ୟ । ଯଦି ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଆମେ ଦେଖିବା ତେବେ ଖୁଦାତାଲାଙ୍କୁ ଭୁଲିଯିବା ଯୋଗୁଁ ଆଧ୍ୟାତ୍ମିକ ପାଣି ତ ଶେଷ ହୋଇଯାଇଛି । ଏହି ଭୌତିକ ପାଣି ମଧ୍ୟ ଅଲ୍ଲାଃ ତାଲାଙ୍କ କହିବା ଅନୁସାରେ ଶେଷ ହୋଇଯାଇପାରେ । ଅଲ୍ଲାଃ ତାଲା କହୁଛନ୍ତି, ଏହା ମୋର ରହ୍‌ମାନିୟତ୍ ଅର୍ଥାତ କରୁଣା ଏବଂ ରବୁବିୟତ ଅର୍ଥାତ ପାଳନକ୍ରୀୟା ଯୋଗୁଁ ତୁମକୁ ଉପଲବ୍ଧ ହେଉଅଛି, ତୁମେମାନେ ଉଦଣ୍ଡ ସ୍ୱଭାବର ଓ ତୁମେମାନେ ମୋ ସହିତ ଅନ୍ୟକୁ ସମ୍ମିଳିତ କରିବା ସତ୍ୱେ ମଧ୍ୟ ଓ ମୋ ଅସ୍ତିତ୍ୱ ଉପରେ ତୁମମାନେ ବିଶ୍ୱାସ ନ ଆଣିବା ସତ୍ୱେ ମଧ୍ୟ ଏହା ସବୁ ତୁମମାନଙ୍କୁ ଉପଲବ୍ଧ ହେଉଅଛି । ବର୍ଷା ନ ହେଲେ ହାହାକାର ହୋଇଯାଉଛି । କିନ୍ତୁ ଆମେ ଯେଉଁ ବିଶ୍ୱାସୀମାନେ ଅଛୁଁ ଆମେ ନିଜ ଖୁଦାଙ୍କର ଶକ୍ତିକୁ ଦେଖିପାରୁଛୁ । ଏପରି ଅନେକ ଘଟଣାମାନ ଅଛି, ସେ ବିଷୟରେ ମୁଁ ବର୍ଣ୍ଣନା କରିସାରିଛି ଯେ, ବର୍ଷା ନାହିଁ, ମରୁଡ଼ି ପଡ଼ିଛି, ପୁଣି ବର୍ଷାର ଆବଶ୍ୟକତା ରହିଛି । ଏ ବିଷୟରେ ଆମ ମିଶ୍‌ନାରୀ ଏଠାକୁ ଲେଖିଛନ୍ତି ଓ ମୁଁ ଦୁଆ ମଧ୍ୟ କରିଛି । ସେମାନଙ୍କୁ କହିଛି ଯେ ଦୁଆ କରନ୍ତୁ । ଲୋକମାନଙ୍କୁ ଏକାଠି କରି **ଇସ୍‌ତସ୍‌କାଆ** ନମାଜ ପାଠ କରନ୍ତୁ । ତା'ପରେ ଲୋକମାନେ ଏ ଦୃଶ୍ୟ ଦେଖିଛନ୍ତି ଯେ ଅଲ୍ଲାଃ ତାଲା ବର୍ଷା ହେବାର ସାଧନ ସୃଷ୍ଟି କରିଦେଲେ । ଏକଥା ସେଠିକାର ଲୋକମାନଙ୍କ ବିଶ୍ୱାସକୁ ବୃଦ୍ଧି କରିବାର କାରଣ ହୋଇଛି । ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ସୃଷ୍ଟି ହୋଇଛି । ଅଲ୍ଲାଃ ତାଲା ପୁଣି କହୁଛନ୍ତି ଯେ ସେ ହେଉଛି **ସମଦ୍**, ସେ ନିଜେ ପ୍ରତିଷ୍ଠିତ, ତାକୁ କାହାର ଆବଶ୍ୟକତା ନାହିଁ । ଯଦି କାହାର ଆବଶ୍ୟକତା ଅଛି ତା' ହେଲେ ପ୍ରାଣିଜଗତର । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ଗୋଟିଏ ସ୍ଥାନରେ କହୁଛନ୍ତି ଯେ:

**କୁଲ୍ ମର୍ ରବ୍‌ବୁସ୍, ସମାଓ୍ୱାତି ଓ୍ୱଲ୍ ଅର୍‌ଜି......... ଓ୍ୱ ହୁଓ୍ୱଲ୍ ଓ୍ୱାହିଦୁଲ୍ କହାର୍**
(ଅର୍‌ରାଆଦ୍ : ୧୭)

ଅର୍ଥାତ: ତୁମେ ସେମାନଙ୍କୁ ପ୍ରଚାର," ଆକାଶ ଓ ପୃଥିବୀର ପାଳନକର୍ତ୍ତା କିଏ ?" (ସେମାନେ ଏହାର କଣ ଉତର ଦେବେ) ତୁମେ (ନିଜେ ହିଁ) କହିଦିଅ, "ଅଲ୍ଲାଃ" (ପୁନଶ୍ଚ) ତୁମେ (ସେମାନଙ୍କୁ) କୁହ, "କଣ ତଥାପି ତୁମେମାନେ ତାହାଙ୍କ ପରିବର୍ତ୍ତେ ଏପରି ସାହାଯ୍ୟକାରୀ ମନୋନୀତ କରିଅଛ ଯେଉଁମାନେ ନିଜର କୌଣସି ଲାଭ କରିବାକୁ ବା କ୍ଷତିର ପ୍ରତିରୋଧ କରିବାକୁ ସକ୍ଷମ ନୁହନ୍ତି ?" (ତୁମେ ସେମାନଙ୍କୁ) କୁହ, "କଣ ଚକ୍ଷୁହୀନ ଓ ଚକ୍ଷୁଷ୍ମାନ୍ ସମାନ (ହୋଇପାରନ୍ତି) ବା କଣ ଅନ୍ଧକାର ଓ ଆଲୋକ ସମାନ (ହୋଇପାରେ) ?" କଣ ସେମାନେ ଅଲ୍ଲାଃଙ୍କର ଏପରି ସମକକ୍ଷ ମନୋନୀତ କରିଛନ୍ତି ଯେଉଁମାନେ ତାହାଙ୍କ ସଦୃଶ ସୃଷ୍ଟି କରିଛନ୍ତି ଯାହା ଫଳରେ (ଉଭୟ) ସୃଷ୍ଟି ସେମାନଙ୍କୁ ଅନୁରୁପ ପ୍ରତିତ ହେଉଅଛି ? (ତୁମେ ସେମାନଙ୍କୁ) କୁହ, "ଅଲ୍ଲାଃ (ହିଁ) ସକଳ ବିଷୟରେ ସୃଷ୍ଟିକର୍ତ୍ତା ଏବଂ ସେ ହିଁ ଅଦ୍ୱିତୀୟ (ଓ) ପ୍ରଭୁତ୍ୱଶାଳୀ ।"

ପୁଣି ଅଲ୍ଲାଃ ତାଲା କହୁଛନ୍ତି:

**କୁଲ୍ ଅରଅଇତୁମ୍ ଇନ୍ ଯାଆଲାଲ୍ଲାହୁ.......... ବିଜିୟାଇନ୍ ଅଫଲା ତସ୍‌ମଉଦ୍** (ଅଲ୍‌କସସ୍: ୭୨)

ଅର୍ଥାତ: ତୁମେ (ସେମାନଙ୍କୁ) କୁହ, "ଆମକୁ ଜଣାଇ ଦିଅ ଯେ ଯଦି ଅଲ୍ଲାଃ କୟାମତ୍ ପର୍ଯ୍ୟନ୍ତ ତୁମମାନଙ୍କ ସକାଶେ ରାତ୍ରିକୁ ଦୀର୍ଘ କରିଦିଅନ୍ତି, ତେବେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କିଏ ଅଛି ଯେ ତୁମମାନଙ୍କ ନିକଟକୁ ଆଲୋକ ଆଣିଦେବ ?" ତଥାପି କଣ ତୁମେମାନେ ଶୁଣିପାରୁନାହଁ ?

ପୁଣି କହିଲେ: **କୁଲ୍ ଅର୍‌ଅଇତୁମ୍ ଇନ୍ ଯାଅଲଲ୍ଲାହୁ ଆଲୈକୁମୁନ୍ ନାହାରା........... ଅଫଲା ତୁବ୍‌ସିରୁନ୍**
(ଅଲ୍‌କସସ୍ : ୭୩)

ଅର୍ଥାତ: ତୁମେ (ସେମାନଙ୍କୁ) କୁହ, "ଆମକୁ ଜଣାଇ ଦିଅ ଯେ ଯଦି ଅଲ୍ଲାଃ କୟାମତ୍ ପର୍ଯ୍ୟନ୍ତ ତୁମମାନଙ୍କ ସକାଶେ ଦିନକୁ ଦୀର୍ଘ କରିଦିଅନ୍ତି, ତେବେ ଅଲ୍ଲାଃଙ୍କ ବ୍ୟତିତ କେଉଁ ଉପାସ୍ୟ ତୁମମାନଙ୍କ ନିକଟକୁ ରାତ୍ରିକୁ ଘେନି ଆସିବ ଯାହା ଫଳରେ କି ତୁମେମାନେ ଶାନ୍ତି ଲାଭ କରିବ ?" (ତଥାପି) କଣ ତୁମେମାନେ ଦେଖିପାରୁନାହଁ ?

ପୁଣି ଅଲ୍ଲାଃ ତାଲା କହୁଛନ୍ତି;-

**ଓ୍ୱ ମିର୍ ରହ୍‌ମତିହି ଯାଆଲା ଲକୁମୁଲ୍ ଲୈଲା.......... ଓ୍ୱ ଲାଅଲ୍ଲକୁମ୍ ତଶ୍‌କୁରୁନ୍** (ଅଲ୍‌କସସ୍: ୭୪)

ଅର୍ଥାତ: ଏବଂ ଏହା ତାହାଙ୍କର ଅନୁଗ୍ରହ ଅଟେ ଯେ ସେ ତୁମମାନଙ୍କ ସକାଶେ ରାତି ଓ ଦିନ ସୃଷ୍ଟି କରିଛନ୍ତି, ଯଦ୍ୱାରା ତୁମେମାନେ ତହିଁରେ (ଅର୍ଥାତ ରାତ୍ରିକାଳରେ) ଶାନ୍ତିଲାଭ କରିପାରିବ ଓ (ଦିନରେ) ତାହାଙ୍କର କୃପା (ଅର୍ଥାତ ଜୀବିକା) ସନ୍ଧାନ କରିପାରିବ ଓ କୃତଜ୍ଞ ହେବ । ଅର୍ଥାତ କାମରେ ଲାଗିଯାଅ । ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ରୋଜଗାର କର । କିନ୍ତୁ ଏହା ସହିତ ଅନ୍ୟ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏକ ସ୍ଥାନରେ ଏକଥା ମଧ୍ୟ କହିଛନ୍ତି ଯେ ଅଲ୍ଲାଃଙ୍କୁ ଭୁଲ ନାହିଁ । ଦିନରେ କାମକାର୍ଯ୍ୟ କରୁଥିବା ସମୟରେ ମଧ୍ୟ ଅଲ୍ଲାଃଙ୍କୁ ମନେରଖ ।

ପୁଣି ଅଲ୍ଲାଃ ତାଲା କହିଲେ: **ଅଲମ୍ ତରା ଅନ୍ନଲ୍ଲାହା ସଖ୍ଖରା ଲକୁମ୍........... ଲରଉଫୁର୍ ରହିମ୍** (ଅଲ୍ହଜ୍ : ୬୬) ଅର୍ଥାତ: କଣ ତୁମେ ଲକ୍ଷକରୁ ନାହଁ ଯେ ଯାହାକିଛି ପୃଥିବୀରେ ଅଛି ସେ ସବୁକୁ ଅଲ୍ଲାଃ ତୁମମାନଙ୍କ ସେବାରେ ପାରିଶ୍ରମିକ ବିନା ନିୟୋଜିତ କରିଛନ୍ତି, ଏବଂ ତାହାଙ୍କ ଅଦେଶ ଅନୁସାରେ ସାଗର ବକ୍ଷରେ ଜାହଜ ପରିଚାଳିତ ହୁଏ ? ଏବଂ ସେ ଆକାଶକୁ ଧରି ରଖିଛନ୍ତି ଯେପରିକି ତାହା ତାଙ୍କ ଆଦେଶ ବିନା ପୃଥିବୀ ଉପରେ ପଡ଼ି ଯାଏ; ବାସ୍ତବିକ ଅଲ୍ଲାଃ ଲୋକମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ ଓ କରୁଣାମୟ

ଏହା ଅଲ୍ଲାଃ ତାଲାଙ୍କ ଦୟା ଓ କରୁଣା ଯେ ସେ ଆକାଶୀୟ ବିପତିକୁ ରୋକି ରଖିଛି ଯେ କାଳେ ତାଙ୍କ ଆଦେଶ ବିନା ପୃଥିବୀ ଉପରେ ପଡ଼ି ନଯାଉ । ନଚେତ ମଣିଷ ଯେଉଁଭଳି କାର୍ଯ୍ୟ କଳାପ କରିଚାଲିଛି ଏବଂ ବିଶେଷରୂପେ ଏ ଯୁଗରେ ଯେଉଁଭଳି ଉପଦ୍ରବ ଓ ବିଶୃଙ୍ଖଳା ସୃଷ୍ଟି କରି ଅଲ୍ଲାଃଙ୍କୁ ଭୁଲି ଚାଲିଛି । ଏହା ସତ୍ୱେ ମଧ୍ୟ ତାହାଙ୍କ କରୁଣା ତୁମମାନଙ୍କୁ ଢ଼ିଲା ଛାଡ଼ିଦେଇଛି । ତାକୁ ଏଥିପ୍ରତି ଶିଘ୍ର ନାହିଁ କାରଣ ସେ ସକଳ ଶକ୍ତିର ମାଲିକ । ସେ ଜାଣିଛି ଯେ ଯେବେ ମୁଁ ଧରିବାକୁ ଚାହିଁବି ଧରିପାରିବି, କେହି ମତେ ରୋକପାରିବେ ନାହିଁ ଏବଂ କେହି ମୋ ହାତରୁ ଖସି ଯାଇପାରିବେ ନାହିଁ । ସୁତରାଂ ଅଲ୍ଲାଃ ତାଲା କହୁଛନ୍ତି ଯେ ତୁମେ ଯେ କୌଣସି ଦୃଷ୍ଟିକୋଣରୁ ଦେଖିନିଅ ପରିଶେଷରେ ତୁମକୁ ମୋର ଆବଶ୍ୟକତା ରହିଛି । ମୋ ରହ୍ମାନିୟତ୍ ଏବଂ ରବୁବିୟତ୍ର ଏହା ହେଉଛି ଚମତ୍କାର ଯାହା ମୁଁ ତୁମକୁ ଦେଖାଉଛି । ସେହିପରି ଅଲ୍ଲାଃଙ୍କର ବାକି ସିଫାତ୍ (ବିଶେଷଗୁଣ) ଗୁଡ଼ିକ ରହିଛି । ତୁମମାନଙ୍କ ମଧ୍ୟରୁ କିଏ ଅଛି ଯେ ସେ ଏକଥା କହିପାରିବ କି ସେ ସୂର୍ଯ୍ୟରୁ ଆଲୋକ ଆଣିପାରିବ ବା ରାତ୍ରିକୁ ଦିବସରେ ପରିବର୍ତ୍ତନ କରିପାରିବ ବା ଦିନକୁ ରାତି କରିପାରିବ ବା ତୋଫାନ୍କୁ ରୋକପାରିବ ? ନା ଜାପାନ ନା ଆମେରୀକା ନା ଅନ୍ୟ କୌଣସି ଶକ୍ତିଶାଳୀ ରାଷ୍ଟ୍ର ନିଜର ସମସ୍ତ ସାଂସାରିକ ସାଧନକୁ ବିନିଯୋଗ କରି ଏହି ଝଡ଼ ତୋଫାନକୁ ରୋକି ପାରିବେ ନାହିଁ । ଯେବେ କି ଏମାନେ ଭାବୁଛନ୍ତି ଯେ ଆମେ ବହୁତ ଉନ୍ନତି କରିଛୁ, ବହୁତ ଆଡ଼ଭାନ୍ସ ହୋଇସାରିଛୁ ବୋଲି । ହଁ ଅଲ୍ଲାଃ ତାଲାଙ୍କ କୃପାରୁ, ଯଦି ସେ ଚାହେଁ ତ ତୋଫାନର ଦିଗକୁ ବିପରୀତ ମୁହାଁ କରିପାରେ ।

ଆମେ ଫିଜି ଦେଶକୁ ଗସ୍ତ କରିଥିବା ସମୟରେ, ସେଠାରେ ଦିନେ ଫଜର୍ ନମାଜ ପୂର୍ବରୁ ପାକିସ୍ତାନରୁ ନାଜିର୍ ଆଲା ସାହେବଙ୍କ ଫୋନ୍ ଆସିଲା । ଏବଂ ବିବିସରେ ମଧ୍ୟ ଏ ଖବର ଆସୁଥିଲା ଯେ ବହୁତ ସୁନାମି ଆସୁଅଛି, ଏବଂ ତାହା ଫିଜି ଦେଶକୁ ଲୋପ କରିଦେବ । ଚାରିଆଡ଼େ ବହୁତ ବ୍ୟତିବ୍ୟସ୍ତା ଦେଖାଗଲା । ଆତ୍ମିୟ ସମ୍ପର୍କୀୟମାନଙ୍କ ଫୋନ ଆସୁଥିଲା । ନମାଜ ସମୟ ଥିଲା ତେଣୁ ଆମେ ଆମ ରହିବା ସ୍ଥାନରୁ ମସ୍‌ଜିଦ୍ ଆଡ଼କୁ ବାହାରିଲୁ । ମସ୍‌ଜିଦ୍‌ରେ ନମାଜ ପାଠ ପୂର୍ବରୁ ମୁଁ ସବୁ ନମାଜିମାନଙ୍କୁ କହିଲି ଯେ ନମାଜ ପାଠ ବେଳେ ସଜ୍‌ଦାଃ କରିବା ସମୟରେ ଆମେ ସମସ୍ତେ ଏହି ତୋଫାନ୍‌ର ଦୀଗ ପରିବର୍ତ୍ତନ ପାଇଁ ଦୁଆ କରିବା । ମୁଁ ଦୁଆ କରିବି, ଆପଣମାନେ ମଧ୍ୟ ମୋ ସହିତ ସାମିଲ ହୁଅନ୍ତୁ । ତା'ପରେ ଦୁଆ କଲି । ଅଲ୍ଲାଃ ତାଲା ସେହିଠାରେ ହିଁ ସାନ୍ତ୍ୱନା ଦେଇଦେଲେ । ମସ୍‌ଜିଦ୍‌ରୁ ଲେଉଟିବା ପରେ ଜଣାପଡ଼ିଲା ଯେ ତୋଫାନ୍‌ର ମୁହଁ ଅନ୍ୟ ଦୀଗକୁ ହୋଇଯାଇଛି । ସୁତରାଂ ଏହା ହେଉଛି ଅଲ୍ଲାଃ ତାଲାଙ୍କ ଶକ୍ତି । ଦୁନିଆର କୌଣସି ଶକ୍ତି ଏହି ତୋଫାନ୍‌କୁ ରୋକିପାରିବ ନାହିଁ କିନ୍ତୁ ଅଲ୍ଲାଃ ତାଲା ଯେବେ ଚାହଁନ୍ତି, ସେ ନିଜର ଭକ୍ତମାନଙ୍କ ପ୍ରାର୍ଥନାକୁ ଶୁଣିଥାଆନ୍ତି । ତାଙ୍କୁ ଯେଉଁମାନେ ମାନିଥାନ୍ତି, ତାହାଙ୍କର ଯେଉଁମାନେ ଉପାସନା କରିଥାନ୍ତି ସେ, ସେମାନଙ୍କ ପ୍ରାର୍ଥନା ଶୁଣିଥାଏ । ଏହି ପ୍ରାର୍ଥନା ଯୋଗୁଁ ସେ ବର୍ଷା କରିଥାଏ, ତୋଫାନ୍‌ର ଦୀଗ ପରିବର୍ତ୍ତନ କରିଥାଏ ଏବଂ ଅନ୍ୟ ସମସ୍ତ ବିପତିରୁ ରକ୍ଷା କରିଥାଏ । ଅତଏବ୍ ଅଲ୍ଲାଃ କହୁଛନ୍ତି ମୁଁ ହେଉଛି ଏପରି, ଏହା ମୋର ଅସ୍ତିତ୍ୱ, ଏହା ମୋ ଅସ୍ତିତ୍ୱର ଚିହ୍ନ । ସୁତରାଂ ଅଲ୍ଲାଃ ତାଲା ଯିଏ ହେଉଚନ୍ତି ଅଶେଷ ଦୟାବନା, ସଦା କରୁଣାମୟ ଏବଂ ପ୍ରାର୍ଥନା ଗ୍ରହଣକାରୀ ଏହିପରି ଅନେକ ବିଷଶଷଗୁଣର ଅଧିକାରୀ, ସେ ନିଜର ଚମତ୍କାର ଦେଖାଇଥାଏ, କିନ୍ତୁ ନାସ୍ତିକମାନଙ୍କୁ ଏବଂ ଅନେକେଶ୍ୱରବାଦୀମାନଙ୍କୁ ଏହାର ଜ୍ଞାନ ନଥାଏ ତେଣୁ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସ ଏବଂ ପୁଣି ଆପଣ ସ:ଆ:ସଙ୍କ ମାଧ୍ୟମରେ ମୋମିନ୍ ମାନଙ୍କୁ ଏହା କହିଛନ୍ତି ଯେ ଏହି ସିର୍କ (ଅର୍ଥାତ ବହୁ ଈଶ୍ୱରବାଦ) ଯୁଗରେ ଏହି ନାସ୍ତିକବାଦ ଯୁଗରେ ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ପୃଥିବୀ ବାସୀଙ୍କୁ ଅବଗତ କରାଅ । ଏବେ ଏହି କାର୍ଯ୍ୟ ମୁହମ୍ମଦଙ୍କ ମସିହ୍‌ଙ୍କର ଦାସମାନଙ୍କର ଦାୟିତ୍ୱ ଯେ ଏହି କାର୍ଯ୍ୟକୁ ସେମାନେ ସୁଚାରୁ ରୂପେ ନିର୍ବାହ କରିବାପାଇଁ ଚେଷ୍ଟା କରନ୍ତୁ ।

ପୁଣି ତା ପରେ ସୁରାଃ ଫଲକ୍ ରହିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଏ ସମ୍ବନ୍ଧରେ କହୁଛନ୍ତି ଯେ "ହେ ମୁସଲମାନମାନେ ! ଯଦି ତୁମେ ସହୃଦୟତାର ସହ ମହାମହିମ ଅଲ୍ଲାଃ ଏବଂ ତାହାଙ୍କ ପବିତ୍ର ରସୁଲ୍ ସ:ଆ:ସଙ୍କ ଉପରେ ଇମାନ୍ (ବିଶ୍ୱାସ) ରଖିଛ ଏବଂ ଈଶ୍ୱରୀୟ ସାହାଯ୍ୟକୁ ଅପେକ୍ଷା କରିଛ ତେବେ ନିଶ୍ଚିତ ରୂପେ ଜାଣିରଖ ଯେ ସାହାଯ୍ୟ ସମୟ ଆସିଯାଉଅଛି । ଏହି କାରବାର ମଣିଷ ତରଫରୁ ନାହିଁ ଏବଂ ନା କୌଣସି ମାନବିକ ଯୋଜନା ଏହାର ମୁଳଦୁଆ ରଖିଛି ବରଂ ଏହା ସେହି ପ୍ରତ୍ୟୁଷ ଯାହା ପ୍ରକାଶ ହୋଇଯାଇଛି" ଖୁଦାତାଲା କହୁଛନ୍ତି "ଖୁଦାତାଲା ଭିଷଣ ଆବଶ୍ୟକତା ସମୟରେ ତୁମକୁ ମନେପକାଇଛି ।" *(ଅଜାଲାଏ ଅଓହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୧୦୪)*

ଏବେ ଏହା ଜରୁରୀ ହୋଇଯାଇଥିଲା କି ଅଲ୍ଲାଃଙ୍କ ସାହାଯ୍ୟ ମିଳୁ । ତାହାଙ୍କ ସମର୍ଥନ ମିଳୁ, ସେ ନିଜର ଧର୍ମ ପାଇଁ କାହାକୁ ପ୍ରେରଣ କରୁ । ଅତଏବ୍ ଏବେ ସେହି ପ୍ରତ୍ୟୁଷର ଉଦୟ ହୋଇସାରିଛି । ଇମାମ୍ ରାଗିବ୍ ନିଜର ମଫ୍‌ରୁଦାତ୍ ପୁସ୍ତକରେ ଲେଖିଛନ୍ତି, ତାହା ତାଙ୍କର ପୁରୁଣା ଶବ୍ଦକୋଷ । ସେଥିରେ ସେ **ଫଲକ୍** ର ଗୋଟିଏ ଅର୍ଥ ସୁବହ୍ ସାଦିକ୍ (ଅର୍ଥାତ ପ୍ରତ୍ୟୁଷ) ବୋଲି କହିଛନ୍ତି । *(ମଫ୍‌ରୁଦାତ୍ ଇମାମ୍ ରାଗିବ୍ "ଫଲକ୍" ଶବ୍ଦର ଅର୍ଥରେ)*

ଅତଏବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାରେ ସେହି ପ୍ରତ୍ୟୁଷର ଉଦୟ ହୋଇସାରିଛି । କିନ୍ତୁ ଏ ଯୁଗରେ ଦଜ୍ଜାଲି ଶକ୍ତିର ପ୍ରଚେଷ୍ଟାରୁ ବଂଚିବା ପାଇଁ ଅଲ୍ଲାଃ ତାଲା ତାହାଙ୍କ ଶରଣରେ ଆସିବା ପାଇଁ ଦୁଆ ମଧ୍ୟ ଶିଖାଇଛନ୍ତି । ଏହା ପ୍ରତ୍ୟୁଷର ଉଦୟତ ହୋଇ ଗଲା କିନ୍ତୁ ଦଜ୍ଜାଲି ପ୍ରଚେଷ୍ଟା ଏ କଥାରେ ଲାଗି ରହିବ ଯେ ତୁମକୁ ଏହି ପ୍ରତ୍ୟୁଷରୁ, ଏହି ସକାଳର ଆଲୋକାରୁ ଏବଂ ଏହି ସୂର୍ଯ୍ୟର ଲାଭ ପାଇବାରୁ ରୋକି ରଖିବେ । କିନ୍ତୁ ସେ ଯାହା ହେଉନା କାହିଁକି ସେମାନଙ୍କର ଚେଷ୍ଟା ସତ୍ୱେ ମଧ୍ୟ ଅଲ୍ଲାଃ ତାଲା ଯେଉଁ ପ୍ରତ୍ୟୁଷର ଉଦୟ କରିଛନ୍ତି ତାହା ଆଲୋକିତ ହୋଇ ଚାଲିବ । ଇନ୍‌ଶାଅଲ୍ଲାଃ ।

ଆଁ ହଜ୍‌ରତ୍ ସ:ଆ:ସ ଯିଏ ହେଉଛନ୍ତି ସିରାଜେ ମୁନୀର ଅର୍ଥାତ ଦିପ୍ତିମୟ ସୂର୍ଯ୍ୟ, ତାହାଙ୍କ ଆଲୋକ ଏ ଦୁନିଆରେ ବ୍ୟାପିଯିବ । କିନ୍ତୁ ଯେମିତି କି ମୁଁ କହିସାରିଛି ଯେ ତାଗୁତି ଶକ୍ତିଗୁଡ଼ିକ ଭରପୁର୍ ଚେଷ୍ଟା କରିବେ, ସେମାନେ ନୀରବ ହୋଇ ବସିଯିବେ ନାହିଁ । ଆଜିକାଲି ଆମେ ଦେଖୁଅଛେ ଯେ ଭିଷଣ ରୂପେ ସେମାନେ ଆଳ ଦେଖାଇ ଇସ୍‌ଲାମ୍ ଉପରେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ଆକ୍ରମଣ କରୁଛନ୍ତି । ମୁସଲମାନ ମାନଙ୍କୁ ମୁସଲମାନମାନଙ୍କ ସହିତ ଲଢ଼େଇ ଦେଉଛନ୍ତି । ମୁସଲମାନମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ସଚେତନତା ପ୍ରତି ଧ୍ୟାନ ଦେଉନାହାନ୍ତି ଯେ ସୁବହ୍ ସାଦିକ୍ ଅର୍ଥାତ ପ୍ରତ୍ୟୁଷ / ଭୋର ହୋଇଗଲାଣି, ତେଣୁ ତାକୁ ଦେଖ ଏବଂ ଏହା କହିଛନ୍ତି ଯେ ଆବଶ୍ୟକତା ସମୟରେ ତୁମକୁ ଅଲ୍ଲାଃ ତାଲା ମନେପକାଇଛନ୍ତି । ଏହାର ଭିଷଣ ଆବଶ୍ୟକ ଥିଲା । କିନ୍ତୁ ପୁଣି ମଧ୍ୟ ତୁମକୁ ବୁଝାପଡୁନାହିଁ । ଅଲ୍ଲାଃ ତାଲାଙ୍କର ଏପରି ମନେ ପକାଇବାରେ ଯଦି ଏଥିପ୍ରତି ଧ୍ୟାନ ଆକର୍ଷଣ ନ ହେବ ତେବେ ଅଲ୍ଲାଃ ମଧ୍ୟ କାହାର ପରବାୟ କରନ୍ତି ନାହିଁ । ଏବେ ଆମେ ଏକଥା ମଧ୍ୟ ଦେଖିବାକୁ ପାଉଛେ ଯେ ମୁସଲମାନ ମାନଙ୍କ ନିକଟରେ ହୁକ୍‌ମତ୍ (ରାଜତ୍ୱ) ଏବଂ ସବୁ ପ୍ରକାରର ସାଧନ ଥିବା ସତ୍ୱେ ମଧ୍ୟ ଦିନକୁ ଦିନ ତାଙ୍କର ଅବସ୍ଥା ଦୟନିୟ ହୋଇ ଚାଲିଛି । ଇସ୍‌ଲାମ୍ ବିରୋଧି ଶକ୍ତିଗୁଡ଼ିକ ମୁସଲମାନମାନଙ୍କୁ ଦୃବଳ କରି ଚାଲିଛନ୍ତି । ତା ଅନୁରୁପ ମୁସଲମାନ ଓ୍ୱଲେମାମାନେ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧରେ ବଢ଼ି ଚାଲିଛନ୍ତି । ଏଥିପ୍ରତି ଦେଖୁନାହାନ୍ତି ଯେ ଅଲ୍ଲାଃ ତାଲା ସେମାନଙ୍କ ଉପରେ ଯେଉଁ କୃପା କରିଛନ୍ତି, ସେଥିରୁ ଆମେ କେତେ ଲାଭ ଉଠାଇବା । ନିଜର କୁଟକର୍ମ ଦ୍ୱାରା ଓ ଛଳକପଟ ଦ୍ୱାରା ଏହି ସୂର୍ଯ୍ୟର ଆଲୋକକୁ ମଳିନ କରିଦେବାକୁ ଚାହୁଁଛନ୍ତି । ଏଥିରେ ଦୁଇଜଣଯାକ ସାମିଲ ଅଛନ୍ତି । ଗୋଟିଏ ହେଉଛି ଦଜ୍ଜାଲି ଶକ୍ତି ଓ ଦ୍ୱିତୀୟଟି ହେଉଛି ତଥା କଥିତ ଓ୍ୱଲେମାଗଣ ତେଣୁ ଏହିପରି ସ୍ଥିତିରେ ଅଲ୍ଲାଃଙ୍କ ଶରଣରେ ଆସି, ତାହାଙ୍କ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ରହି ଆମ ସେମାନଙ୍କ ଆକ୍ରମଣରୁ ବଂଚିପାରିବା । ଏତତ୍‌ବ୍ୟତିତ ବଂଚିବାର ଆଉ କୌଣସି ମାର୍ଗ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ନାହିଁ । ଅଲ୍ଲାଃ ତାଲା ଯେଉଁ ନେମତ୍ (ଅର୍ଥାତ ଐଶିପୁରସ୍କାର) ଦେଉଛନ୍ତି, ସେଗୁଡ଼ିକର ସଠିକ୍ ବ୍ୟବହାର କରି ଏହି ଦୁଷ୍ଟତାରୁ ବଂଚିପାରିବା । ତେଲ ରୂପକ ଧନକୁ ଯଦି ନିଜ ବିଳାଶ ବାସନାରେ ଖର୍ଚ୍ଚ କରିବାକୁ ଲାଗିଯିବା ନିଜ ଘରକୁ, ନିଜ ମହଲାକୁ ସୁନା ଚାଦରରେ ସଜାଇବାକୁ ଲାଗିଯିବା, ଅଲ୍ଲାଃଙ୍କ ପ୍ରତିଥିବା କର୍ତବ୍ୟକୁ ଅଣଦେଖା କରିବା, ବା ତାହାଙ୍କ ଖିଆଲ୍ ମଧ୍ୟ ରଖିବା ନାହିଁ ବା ତାହାଙ୍କୁ ଖଣ୍ଡନ କରି ଚାଲିବା ବା ସଠିକ୍ ରୂପେ ନିର୍ବାହ କରିବା ନାହିଁ, ଅଲ୍ଲାଃ ତାଲାଙ୍କ ପ୍ରାଣୀଜଗତର ଅଧିକାର ଦେବାନାହିଁ । ତେବେ ପୁଣି ଏହି ଧନ ଦଉଲତ କିଛି ଲାଭ ଦେବନାହିଁ । ଦଜ୍ଜାଲ୍‌ର କଥା ଶୁରି ଯଦି ଏହି ଧନକୁ ଜଣେ ଅନ୍ୟଜଣଙ୍କ ବିରୋଧରେ ବ୍ୟବହାର କରିବାକୁ ଲାଗିଯିବା ତେବେ ଏଥିରୁ ଯେଉଁ ନକରାତ୍ମକ ଫଳ ବାହାରିବା କଥା ତାହା ବାହାରୁଛି ।

ପୁଣି ଅଲ୍ଲାଃ ତାଲା କହୁଛନ୍ତି, ଯଦି ଏଭଳି ଅବସ୍ଥା ହେବ ସେତେବେଳେ ତୁମେ ମୋ ଶରଣରୁ ବାହାରିଯିବ । ନିଜର ଅଭିଳାଷା ଏବଂ ଦୃବଳତା ଯୋଗୁଁ ତୁମେମାନେ ଏହି ଛଳକପଟତାର ଅଧିନରେ ଆସିଯିବ । ମନର ଇଚ୍ଛା ଅଧିପ୍ରତିତ୍ୱ ହେବ ଏବଂ ଯେତେବେଳେ କାମନାର ଆଧିପତିତ୍ୱ ହେବ ସେତେବେଳେ ମଣିଷ ସେହି ସବୁ ଦୁଷ୍ଟତା ଓ ଛଳକପଟତାର ଅଧିନରେ ଆସିଯାଏ, ଯାହା ମଣିଷକୁ କ୍ଷତି ପହଂଚାଇଥାଏ । ତା'ପରେ ପୁଣି ମଣିଷ ଅଲ୍ଲାଃଙ୍କ ଶରଣରୁ ବାହାରିଯାଏ । ସେଥିଯୋଗୁଁ ଅଲ୍ଲାଃ ତାଲା ଗୋଟିଏ ସ୍ଥାନରେ କହିଲେ ଯେବେ କରୁଣାମୟ ଖୁଦାଙ୍କଠାରୁ ବନ୍ଧୁତ୍ୱ ତୁଟିଯାଏ ସେତେବେଳେ ସଇତାନ ସହିତ ବନ୍ଧୁତ୍ୱ ଯୋଡ଼ି ହୋଇଯାଏ । *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୧୨)*

ପୁଣି ଯଦି ସଇତାନ ସହିତ ବନ୍ଧୁତ୍ୱ ସୃଷ୍ଟି ହୋଇଯାଏ, ତେବେ ଫଳ ସେଇଆ ହେବ ଯାହା ସଇତାନ ଚାହିଁବ । ସୁତରାଂ ଆମେ ଏବେ ଦୁନିଆରେ ଏପରି ପରିସ୍ଥିତିକୁ ଦେଖୁଅଛେ । ତେଣୁ ପ୍ରତ୍ୟେକ ମୋମିନ୍ ଏକଥାକୁ ନିଜ ସମ୍ମୁଖରେ ରଖିବା ଉଚିତ ଯେ ଯଦି ଅଲ୍ଲାଃ ତାଲାଙ୍କ ନେମତ୍ (ଐଶିଦତ ପୁରସ୍କାର) ଗୁଡ଼ିକୁ ସଠିକ୍ ରୂପେ ବ୍ୟବହାର କରିବାକୁ ଚାହୁଁଛ ତେବେ ସମସ୍ତ ଦୁଷ୍ଟତାରୁ ବଂଚିବା ପାଇଁ ହେଲେ ଅଲ୍ଲାଃଙ୍କ ଶରଣାଗତ ହେବା ଜରୁରୀ । ଏ ଯୁଗରେ ଅଲ୍ଲାଃ ତାଲା ଯେଉଁ ଶରଣ ଯୋଗାଇଦେଇଛନ୍ତି ତା କୋଳକୁ ଆସିବା ଜରୁରୀ ଅଟେ । ଯେଉଁ ସୁବହ୍ ସାଦିକ (ପ୍ରତ୍ୟୁଷ / ଭୋର) ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନ ଦ୍ୱାରା ଉଦୟ ହୋଇଛି, ସେଥିରୁ ସେତେବେଳେ ଲାଭ ଉଠାଯାଇପାରିବ ଯେତେବେଳେ ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରଦତ ପୁରସ୍କାରଗୁଡ଼ିକୁ, ଏକେଶ୍ୱରବାଦକୁ ପ୍ରଚାର ପ୍ରସାର କରିବାପାଇଁ ଓ ତକ୍‌ୱା (ଧର୍ମପରାୟଣତା)ର ମାର୍ଗରେ ପରିଚାଳିତ ହେବାପାଇଁ ବ୍ୟବହାର କରିବ । ଯଦି ଧନକୁ ଭୋଗ ବିଳାଶରେ ଖର୍ଚ୍ଚ କରିବାକୁ ଲାଗିଗଲ, ଯେମିତି ଆମେମାନେ ଅଧିକାଂଶ ଧନୀ ମୁସଲମାନ ରାଷ୍ଟ୍ରଗୁଡ଼ିକୁ ଦେଖୁଅଛେ, ତେବେ ଅଲ୍ଲାଃ ତାଲା କହୁଛନ୍ତି ସଇତାନର ହାତରେ ଆସିବା ଯୋଗୁଁ ଅଲ୍ଲାଃ ତାଲାଙ୍କ କୃପାରୁ ବଂଚିତ ହେବ । ଆମେ ଦେଖୁଅଛୁ ଯେ ମୁସଲମାନମାନେ ବଂଚିତ ହେଉଛନ୍ତି । ଇସ୍‌ଲାମୀ ବିରୋଧି ଶକ୍ତିଗୁଡ଼ିକ ସବୁପ୍ରକାରର ଦଜ୍ଜାଲି ଅସ୍ତ୍ର ପ୍ରୟୋଗ କରିଛନ୍ତି ଓ କରିଚାଲିଛନ୍ତି ଯେ କିଭଳି ମୁସଲମାନମାନଙ୍କୁ ଦୃବଳ କରାଯାଇ ପାରିବ, ମୁସଲମାନ ମାନଙ୍କର ଏକତାକୁ ଶେଷ କରିଦିଆଯିବ, ସେମାନଙ୍କ ମଧ୍ୟରେ ଅନ୍ତଃ କଳି ଓ ବିଭେଦ ସୃଷ୍ଟି କରାଯାଇପାରିବ । ଏମାନେ ତ ସଂସାରର ଆଖିରେ ଦେଖୁଛନ୍ତି କାରଣ ଖୁଦାତାଲାଙ୍କୁ ଦେଖିବାର ଆଖି, ସେମାନଙ୍କର ଅନ୍ଧ ହୋଇଯାଇଛି । ସେମାନେ ଏ ଚେଷ୍ଟାରେ ଅଛନ୍ତି ଯେ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକ କେବେ

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ *(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । '' *(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

## ଜକାତ୍ ଏକ ମହତ୍ୱପୂର୍ଣ୍ଣ କର୍ତବ୍ୟ ଏହାର ପଇଠ ପ୍ରତି ବିଶେଷ ଧାନ ଦିଅନ୍ତୁ ।

ପବିତ୍ର ରମ୍‌ଜାନ୍ ମାସ ଆରମ୍ଭ ହୋଇଯାଇଛି । ଏହି ବୈଭବପୂର୍ଣ୍ଣ ମାସରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ନିତିବାଣୀ ମୁତବାକ ବୈକୁଣ୍ଠର ଦ୍ୱାରକୁ ଖୋଲି ଦିଆଯାଇଥାଏ ଓ ନର୍କର ଦ୍ୱାରକୁ ବନ୍ଦ କରିଦିଆଯାଏ । କାରଣ ଏହା ହେଉଛି ସେହି ବାବର୍‌କତ୍ ମାସ ଯେଉଁଥିରେ ମୋମିନ୍‌କୁ ଅଧିକରୁ ଅଧିକ ଅମ୍‌ରେ ବିଲ୍ ମାରୁଫ୍ (ଅର୍ଥାତ ପୂଣ୍ୟକର୍ମ)କୁ କରିବାପାଇଁ ଅବସର ମିଳିଥାଏ । ଯାହା ମାଧମରେ ସେମାନେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରି ଅସୁମାରୀ କରୁଣା ଓ ବୈଭବର ଉତରାଧିକାରୀ ହୋଇଥାନ୍ତି । ଏବଂ ଏହା ହିଁ ସେହି ବାବାର୍‌କତ୍ ମାସ ଯେଉଁଥିରେ ଆମ ପ୍ରୀୟ ମୁନୀବ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ବହୁଳଭାବେ ନା କେବଳ ଉପାସନା କରୁଥିଲେ ବରଂ ବହୁଳଭାବେ ନିଜର ଧନକୁ ଅଲ୍ଲାଃ ତାଲାଙ୍କ ରାସ୍ତାରେ ଖର୍ଚ୍ଚ କରୁଥିଲେ । ତେଣୁ ଆମ ମଧ୍ୟରୁ ପ୍ରତ୍ୟେକ ଅହେମଦୀ ମୁସଲମାନର ଏ କର୍ତବ୍ୟ ଯେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶ ଉପରେ ପରଚାଳିତ ହୋଇ ନା କେବଳ ନିଜ ଉପାସନାରେ ତିବ୍ରତା ସୃଷ୍ଟି କରିବା ବରଂ ତତ୍‌ସହିତ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବାପାଇଁ ମଧ୍ୟ ନିଜ ପାଦକୁ ଆଗକୁ ବଢ଼ାଇବା ।

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ ପବିତ୍ର କୁର୍‌ଆନ୍‌ରେ ନମାଜ ସହିତ ଜକାତ୍‌ର ନିର୍ଦ୍ଦେଶ ରହିଛି । ତେଣୁ ସେହି ସମସ୍ତ ପୁରୁଷ ଓ ମହିଳାମାନେ, ଯେଉଁମାନେ ଜକାତ୍ ଦେବାପାଇଁ ଯୋଗ୍ୟ, ସେମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଏହି ମହତ୍ୱପୂର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବା ପ୍ରତି ଧାନ ଦିଅନ୍ତୁ ।

ଜକାତ୍ ହେଉଛି ଇସ୍‌ଲାମ୍‌ର ଏକ ମୂଳ ସ୍ତମ୍ଭ, ଯାହା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଧାର୍ଯ୍ୟ ଅଟେ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: "ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଯମାତ୍‌ରେ ଗଣନା କରୁଅଛ, ଆକଶରେ ତୁମେ ସେତେବେଳେ ମୋ ଯମାତ୍ ରୂପେ ଗଣା ହେବ ଯେତେବେଳେ ପ୍ରକୃତରେ ଧର୍ମପରାୟଣତାର ମାର୍ଗରେ ତୁମେ ପାଦ ଥାପିବ । ତେଣୁ ନିଜ ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠକର ଯେପରି ତୁମେ ଖୁଦାତାଲାଙ୍କୁ ଦେଖୁଅଛ ଏବଂ ନିଜ ରୋଜାକୁ ଖୁଦାଙ୍କ ପାଇଁ ନିଷ୍ଠାର ସହିତ ପୂରଣ କର । ପ୍ରତ୍ୟେକ ଯିଏ ଜକାତ୍ ଦେବାପାଇଁ ଯୋଗ୍ୟ ସେ ଜକାତ୍ ଦେଉ" ।

***(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୫)***

ଗହଣାଗାଣ୍ଠିର ଜକାତ୍ ବିଷୟରେ ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ: "ଯେଉଁ ଗହଣାଗୁଡ଼ିକ ପିନ୍ଧା ଯାଉଅଛି ଓ ବେଳେବେଳେ ଗରୀବ ମହିଳାମାନଙ୍କୁ ବ୍ୟବହାର କରିବାପାଇଁ ଦିଆଯାଉଅଛି, ଏ ସମ୍ବନ୍ଧରେ କେତେକ ଏ ଫତ୍‌ୱା ଦେଉଛନ୍ତି ଯେ ଏହାର କୌଣସି ଜକାତ୍ ନାହିଁ । ଯେଉଁ ଗହଣାଗୁଡ଼ିକୁ ପିନ୍ଧାଯାଏ ଓ ଅନ୍ୟ ଲୋକଙ୍କୁ ବ୍ୟବହାର କରିବାପାଇଁ ଦିଆନଯାଏ. ଏଥିରେ ଜକାତ ଦେବା ଶ୍ରେୟସ୍କର କି ତାହା ନିଜ ପାଇଁ ବ୍ୟବହାର କରାଯାଇଥାଏ । ଏହା ଉପରେ ଆମ ଘରର ଲୋକେ ଅମଳ (କର୍ମ) କରିଥାନ୍ତି । ପ୍ରତିବର୍ଷ ବର୍ଷ ପୂରଣ ହେବାରେ ମହଜୁଦ ଥିବା ଗହଣା ଜକାତ ଦେଇଥାନ୍ତି । ଯେଉଁ ଗହଣାକୁ ଟଙ୍କା ପରି ଜମା ରଖାଯାଇଥାଏ, ତାହାର ଜକାତ୍ ଦେବାରେ କାହାର ମଧ୍ୟ ଆପତି ନାହିଁ ।

***(ଅଲ୍‌ହକମ୍ ୧୭ ନଭେମ୍ବର ୧୯୦୫, ପୃ-୧୧)***

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ "ମନେରଖିବା ଉଚିତ ଯେ ଏହି ଟ୍ୟାକ୍ସ ଯାହାକୁ ଜକାତ୍ କୁହାଯାଏ, ଏହା ଆମଦାନି ଉପରେ ନୁହେଁ ବରଂ ମୁଳଧନ ଓ ଲାଭ ସବୁକୁ ମିଶାଇ ତା'ଉପରେ ଲଗାଯାଏ । ଏହିପରି ଅଢ଼େଇ ପ୍ରତିଶତ ବାସ୍ତବିକ ବେଳେ ବେଳେ ଲାଭର ପଚାଶ ପ୍ରତିଶତ ହୋଇଯାଇଥାଏ ।"

***(ଅହେମଦୀୟତ୍ ଅର୍ଥାତ ବାସ୍ତବିକ ଇସ୍‌ଲାମ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୮, ପୃ-୩୦୬)***

ଗହଣା ଏବଂ ନଗଦ ଟଙ୍କାର ନିସାବ (ମାପ) ଜକାତ୍ ସମ୍ବନ୍ଧରେ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି ଯେ: "ରୁପା ପାଇଁ ରୁପା ଓ ସୁନା ପାଇଁ ସୁନା ର ନିସାବ (ମାପ) ହେବ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଯୁଗରେ ହଜୁର ସ:ଆ:ସ ନିଜେ ପ୍ରଚନଳ କରାଇଥିଲେ । ଯେଉଁଠି ନଗଦ ଟଙ୍କାର ନିସାବ ଜକାତ ଦେବା କଥା ଉଠୁଛି, ତେବେ ବର୍ତମାନ ପୃଥିବୀର ଅଧିକାଂଶ ଦେଶ ସୁନାକୁ ଅର୍ଥର ମାପଦଣ୍ଡ ରୂପେ ଆପଣାଇଛନ୍ତି । ତେଣୁ ନଗଦ ଟଙ୍କାର ଜକାତ ପାଇଁ ମଧ୍ୟ ସୁନାକୁ ହିଁ ମାପଦଣ୍ଡ ଆକାରରେ ବୁଝାଯିବ" ।

***(ହଜୁର ଅନୱର ଅ:ବ:ଅଙ୍କ ସଦର୍ ସାହେବ ମୟଲିସ୍ ଇଫ୍‌ତାଅଙ୍କ ୨୪ ଚିଠି)***

ଆଁ ହଜ୍‌ରତ୍ ସ:ଆ:ସ ରୂପା ପାଇଁ ସାଢ଼େ ବାଉନ (୫୨.୫) ଭରି ଓ ସୁନା ପାଇଁ ସାଢ଼େ ସାତ ଭରି (୭.୫) ନିସାବ (ମାପଦଣ୍ଡ) ଧାର୍ଯ୍ୟ କରିଛନ୍ତି ।

*ଯାହା ନିକଟରେ ସାଢ଼େ ବାଉନ (୫୨.୫) ଭରି ରୁପା ମହଜୁଦ୍ ଅଛି ଓ ତାଙ୍କୁ ରଖିବାର ଏକ ବର୍ଷ ବିତିଯାଏ ତେବେ ତା ଉପେର ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଧାର୍ଯ୍ୟ ଅଟେ ।

ସେହିପରି ଯାହା ନିକଟରେ ସାଢ଼େ ସାତ (୭.୫) ଭରି (୮୭ ଗ୍ରାମ) ସୁନା ମହଯୁଦ୍ ଥାଏ ବା ତାହା ସମ ନଗଦ ଅର୍ଥ ମହଜୁଦ୍ ଥାଏ ଓ ପୁଣି ଏକ ବର୍ଷ ବିତିଯାଏ, ତା'ଉପରେ ମଧ୍ୟ ମାପ ମୁତାବକ ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଫର୍ଜ (ଧାର୍ଯ୍ୟ) ଅଟେ ।

*ଜକାତ ବାବଦରେ ଅସୁଲ କରାଯାଇଥିବା ସମସ୍ତ ଅର୍ଥରାଶିକୁ ମର୍କଜକୁ ପଠାଇବା ଜରୁରୀ ।

ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ମହତ୍ୱପୁର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଯମାତ୍‌ର ସମସ୍ତ ସଦସ୍ୟମାନଙ୍କ ଧନ ଓ ଜନରେ ବରକତ୍ ପ୍ରଦାନ କରନ୍ତୁ । ଆମିନ୍ ।

***(ନାଜିର୍ ବୟତୁଲ୍ ମାଲ୍ ଆମଦ୍ କାଦିୟାନ୍)***

## ସଦକତୁଲ୍ ଫିତର୍ ପଇଠ କରିବା

ଅଲ୍‌ହମ୍‌ଦୁ ଲିଲ୍ଲାଃ ପବିତ୍ର ରମ୍‌ଜାନ୍ ମାସ ଏପ୍ରିଲ୍‌ର ଶେଷ ଭାଗରେ ଆରମ୍ଭ ହେଉଅଛି । ଇସ୍‌ଲାମ୍‌ର ଫିତ୍‌ରାନା ପଇଠ କରିବା ପାଇଁ ଏକ ସାଆ ଶସ୍ୟ (ଯାହା ଊଣା ଅଧିକେ ୨ କିଲୋ ୭୫୦ ଗ୍ରାମ ସହିତ ସମାନ ହୋଇଥାଏ) ର ଶରହ୍ (ମାପ) ଧାର୍ଯ୍ୟ କରାଯାଇଅଛି । ଯମାତ୍‌ର ସଦସ୍ୟମାନେ ସମ୍ପୂର୍ଣ୍ଣ ଶରହ୍ ଅନୁସାରେ ପବିତ୍ର ରମ୍‌ଜାନ୍ ମାସର ପ୍ରଥମ ବା ଦ୍ୱିତୀୟ ଦଶକ ମଧ୍ୟରେ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ । ଯେହେତୁ ଭାରତର ପ୍ରତ୍ୟେକ ରାଜ୍ୟର ଶସ୍ୟ (ଗହମ, ଚାଉଳ)ର ମୁଲ୍ୟ ଅଲଗା ଅଲଗା ରହିଥାଏ ସେଥିଯୋଗୁଁ ନିଜ ସ୍ଥାନୀୟ ମୂଲ୍ୟ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଶରହ୍ ( ୨ କିଲୋ ୭୫୦ ଗ୍ରାମ ଶସ୍ୟ) ମୁତାବକ ଫିତ୍‌ରାନାର ରାଶି/ଅର୍ଥ ପଇଠ କରନ୍ତୁ ।

ପଞ୍ଜାବ ପ୍ରଦେଶ ପାଇଁ ଏ ବର୍ଷ ମୁଣ୍ଡ ପିଛା ସଦକତୁଲ୍ ଫିତର୍‌ର ଅର୍ଥରାଶି ପଂଚାବନ (୫୫/-) ଟଙ୍କା ଧାର୍ଯ୍ୟ କରାଯାଇଅଛି । ସ୍ଥାନୀୟ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ଥିବା କ୍ଷେତ୍ରରେ ସଦକତୁଲ୍ ଫିତର୍‌ର ମୋଟ ଅର୍ଥରାଶିରୁ ନବେ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥରାଶି ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ଫଏସଲା ପରେ ବଂଟା ଯାଇ ପାରିବ । ବାକି ଅର୍ଥରାଶିକୁ ମର୍କଜ୍‌ରେ ଯମା କରିବାକୁ ହେବ । ଯେଉଁ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ନଥିବେ ସେହି ଯମାତ୍‌ରୁ ଅସୁଲ୍ କରାଯାଇଥା ସମସ୍ତ ଅର୍ଥରାଶି ସଦର୍ ଅଞ୍ଜୁମନ୍ ଅହ୍‌ମଦୀୟାର ଯମାତି ଆକାଉଁଟ୍‌ରେ ଡ଼ିପୋଜିଟ୍ ହେବା ଉଚିତ । ସ୍ପଷ୍ଟ ହେଉ କି ଫିତ୍‌ରାନାର ଅର୍ଥରାଶି ମସ୍‌ଜିଦ୍ ଇତ୍ୟାଦିର ଆବଶ୍ୟକ କାର୍ଯ୍ୟରେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

## ଇଦ୍ ଫଣ୍ଡ

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ପ୍ରଚଳନ । ଏହି ଫଣ୍ଡର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଓ ଆନନ୍ଦ ଅବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାଓ୍ୱତ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରୁଛି, ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଉଛି ସେଠି ଏହି ଖୁସି ସମୟରେ ଦୀନ (ଧର୍ମ)ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ତ ବୟତ୍‌ରେ ଏ ପ୍ରତିଜ୍ଞା କରିଛନ୍ତି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କଠାରୁ ଏ ଆଶା କରାଯାଉଅଛି ଯେ ସେ ଖୁସି ଓ ଆନନ୍ଦର ଉତ୍ସବ ଅବସରରେ ଧର୍ମର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖୁ । ଏହି ଉଦ୍ଦେଶ୍ୟ ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଏହି ଖାତାରେ ରୋଜଗାରକ୍ଷମ ଅହେମଦୀ ମୁଣ୍ଡ ପିଛା ଏକଟଙ୍କା ଦେଉଥିଲେ । ଏବେ ଯେହେତୁ ଏକ ଟଙ୍କାର ସେଭଳି ମୂଲ୍ୟ ନାହିଁ, ତେଣୁ ତାହା ଏକ ଟଙ୍କା ମଧ୍ୟରେ ସୀମିତ ରଖିବା ପରିବର୍ତ୍ତେ ନିଜ ସାମର୍ଥ୍ୟ ମୁତାବକ ପଇଠ କରାଯାଉ । ତେଣୁ ଏ ପ୍ରସ୍ତାବ ରଖାଗଲା ଯେ ଇଦ୍ ଦିନ ସାଧାରଣତଃ ଯେତିକି ଖର୍ଚ୍ଚ କରାଯାଉଅଛି, ତାହାର ଅଧା ଅର୍ଥରାଶି ଏହି ଖାତାରେ ପଇଠ କରାଯାଉ । ଇଦ୍ ଫଣ୍ଡର ଅର୍ଥରାଶି ଇଦ୍ ପୂର୍ବରୁ ଯେକୌଣସି ସମୟରେ ପଇଠ କରାଯାଇପାରେ । ଏହା ହେଉଛି ମର୍କଜି ଚାନ୍ଦା ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା ହେବା ଜରୁରୀ । ଏହି ଅର୍ଥରାଶି ସ୍ଥାନୀୟ ଯମାତ୍‌ରେ ଖର୍ଚ୍ଚ କରିବାକୁ ଅନୁମତି ନାହିଁ ।

***(ନାଜିର ବୟତୁଲ୍ ମାଲ୍ ଆମଦ୍ କାଦିଆନ୍)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❃ ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❃ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❃ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❃ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❃ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❃ Interview ରେ ଯୋଗଦେବା ପାଇଁ ପ୍ରାଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❃ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❃ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❃ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❃ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❃ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❃ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❃ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❃ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❃ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❃ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❃ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❃ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.5 Thursday 14 May 2020 Issue No. 20**

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

ଉନ୍ନତି ନ କରିପାରନ୍ତୁ ଏବଂ ଦୁର୍ଭାଗ୍ୟବସତଃ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକର ନିଜର କର୍ମ ଏପରି ଯେ, ସେମାନଙ୍କର ଖୁଦାତାଲାଙ୍କ ଶିକ୍ଷା ବିରୋଧି କାର୍ଯ୍ୟ ସେହି ବିରୋଧି ଶକ୍ତିଗୁଡ଼ଇକୁ ନିଜର ଚେଷ୍ଟାରେ ସଫଳ କରାଉଛି । ଯେବେକି ଅଲ୍ଲାଃ ତାଲାଙ୍କର ସ୍ୱଷ୍ଟ ସଚେତନତା ରହିଛି ଓ ଅଲ୍ଲାଃ ଏ ଦୁଆ ଶିଖାଇଛନ୍ତି ଯେ **ଓ୍ୱ ମିନ୍ ଶର୍‌ରେ ଗାସିକିନ୍ ଇଜା ଓ୍ୱକବ୍**

ଅର୍ଥାତ: ଅନ୍ଧକାର ସୃଷ୍ଟିକାରୀର ପ୍ରତ୍ୟେକ ଚକ୍ରାନ୍ତରୁ ବଂଚିବାପାଇଁ ଯେତେବେଳେ ସେ ଅନ୍ଧକାର କରିଥାଏ, ମୁଁ ତୁମ ଶରଣରେ ଆସୁଅଛି । ଏହା ଅଲ୍ଲାଃ ତାଲା ଦୁଆ ଶିଖାଛନ୍ତି ଏବଂ ପୁଣି କହିଲେ **ଓ୍ୱ ମିନ୍ ଶର୍‌ରିନ୍ ନଫାସାତି ଫିଲ୍ ଉକୁଦ୍** । ଅର୍ଥାତ: ସେହିଭଳି ସମସ୍ତ ପ୍ରାଣୀମାନଙ୍କ ଚକ୍ରାନ୍ତରୁ ରକ୍ଷା ପାଇବା ସକାଶେ ମଧ୍ୟ ଯେଉଁମାନେ ପାରସ୍ୱାରିକ ସମ୍ପର୍କର ବନ୍ଧନରୁ ଛିନ୍ନ କରାଇବା ଉଦ୍ଦେଶ୍ୟରେ ପ୍ରରୋଚିତ କରନ୍ତି । ଫୁଙ୍କ ମାରିଥାନ୍ତି, ଯେତେବେଳେ ସେମାନେ ଏପରି ଫୁଙ୍କମାରିଥାନ୍ତି ସେତେବେଳେ ଆମେ ନିଜ ପାଳନକର୍ତାଙ୍କ ଶରଣରେ ଆସିଥାଉଁ । ଏହି ଦୁଆ ଅଲ୍ଲାଃ ତାଲା ଶିଖାଇଛନ୍ତି । କିନ୍ତୁ ଆମେ ଦେଖୁଛୁ ଯେ ମୁସଲମାନମାନମାନେ ଏ ଦୁଆ ତ ପଢୁଛନ୍ତି ଯେ ଆମେ ନିଜ ପାଳନକର୍ତାଙ୍କ ଶରଣରେ ଆସୁଅଛୁ, ସଇତାନଠାରୁ ଆମେ ବଂଚିକରି ରହୁଛୁ କିନ୍ତୁ ଏହା ସତ୍ୱେ ମଧ୍ୟ ଏହି ଦଜ୍ଜାଲି ଶକ୍ତିମାନଙ୍କ ହାତରେ ଖେଳୁଛନ୍ତି । କିଏ କୌଣସି ଅଣମୁସଲିମ୍ ରାଷ୍ଟ୍ରଠାରୁ ସାହାଯ୍ୟ ମାଗିଲାଣି ତ ଆଉ କିଏ ଆଉ କାହାଠାରୁ । ପୁଣି ଏହି ସବୁ ଇସଲାମୀ ବିରୋଧି ରାଷ୍ଟ୍ରଗୁଡ଼ିକ ଏହି ଦେଶ ଗୁଡ଼ିକ ଭିତରେ ଥିବା ସନ୍ତ୍ରାସବାଦ ଗୋଷ୍ଠିମାନଙ୍କୁ ସାହାଯ୍ୟ କରୁଛନ୍ତି । ଏତିକିରେ ସନ୍ତୁଷ୍ଟ ହେଉନାହାନ୍ତି ବରଂ ଯେତେବେଳେ କେତେକ ରାଷ୍ଟ୍ର ସେହି ଶକ୍ତିଶାଳୀ ରାଷ୍ଟ୍ରଙ୍କ କଥାରେ ବା ପାଲରେ ଯଦି ପଡୁନାହାନ୍ତି ବା ସେହି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଯଦି ତାଙ୍କ ଉପରେ କବ୍‌ଜା କରିପାରୁନାହାନ୍ତି ସେତେବେଳେ ସେହି ରାଷ୍ଟ୍ରଗୁଡ଼ିକର ଅର୍ଥନୀତିକୁ ଧ୍ୱଂସ କରିବା ପରେ ମଧ୍ୟ ତାଙ୍କୁ ସନ୍ତୋଷ ମିଳୁନାହିଁ, ଯେ ପୁଣି ସେମାନେ ନିଜର ପଇନ୍ତରା ବଦଳାଉଛନ୍ତି । ମୁସଲମାନମାନଙ୍କ ଧର୍ମକାର୍ଡ଼କୁ ବ୍ୟବହାର କରି ଗୋଟିଏ ବିଭ୍ରାଟ ମୁଳକ ଖିଲାଫତ୍ ଛିଡ଼ା କରିଦେଲେ । ଏହି ବିଭ୍ରାଟ ମୁସଲମାନମାନଙ୍କ ମଧ୍ୟରୁ ସୃଷ୍ଟି ହୋଇନାହିଁ ବରଂ ଏହା ମଧ୍ୟ ଦଜ୍ଜାଲି ଶକ୍ତି ଦ୍ୱାରା ସୃଷ୍ଟି ଫିତ୍‌ନା ଅଟେ । କାରଣ ଏହି କଥାରେ ମୁସଲମାନମାନେ ଏକାଠି ହୋଇଯିବେ ବା ଅତିକମ୍‌ରେ ସେହି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମୁସଲମାନ ରାଷ୍ଟ୍ରଗୁଡ଼ିକୁ ଏହି ଆଧାରରେ ନିୟନ୍ତ୍ରଣ କରି ଆୟତ କରି ରଖିବେ । ଗୋଟିଏ ଆଡ଼ାସ୍ଥଳୀ ବନାଇ ସେମାନଙ୍କୁ ଅର୍ଥାତ ମୁସଲମାନ ରାଷ୍ଟ୍ରଗୁଡ଼ିକୁ Dictate କରିପାରିବେ । ଯେଉଁଠି ସାହାଯ୍ୟ କରିବାର ଅବସର ମିଳିବ ସେଠାରେ ସାହାଯ୍ୟ ମଧ୍ୟ କରିବେ । ସେଥିଯୋଗୁଁ ସେମାନେ ଖିଲାଫତ୍‌ର ଏକ ମିଥ୍ୟା ପଦବୀ ସୃଷ୍ଟିକଲେ ଓ ତାକୁ ଭରପୁର ସାହାଯ୍ୟ ମଧ୍ୟ କଲେ । ଆର୍ଥିକ ସାହାଯ୍ୟ ଆକାରରେ କୋଟି କୋଟି ଡ଼ଲାର୍ ସାହାଯ୍ୟ କଲେ । ଅସ୍ତ୍ରଶସ୍ତ୍ର ଦେଇ ସାହାଯ୍ୟ କଲେ ଏବଂ ନୁଆ ନୁଆ ହାତ ହତିୟାର ଦ୍ୱାରା ତାକୁ ସାହାଯ୍ୟ କରିଚାଲିଲେ । କିନ୍ତୁ ସେମାନଙ୍କୁ ଏକଥା ଜଣା ନଥିଲା ଯେ ଖିଲାଫତ୍‌ର ପ୍ରତିଷ୍ଠା ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ୟବସ୍ଥା ଅନ୍ତର୍ଗତ ହୋଇପାରେ ବୋଲି । ଶେଷରେ ଆରବ ଆରବ ଡ଼ଲାର୍ ଖର୍ଚ୍ଚ କରିବା ପରେ ସେପରି ଫଳ ବାହାରିଲା ନାହିଁ, ଯାହା ସେମାନେ ଆଶା କରିଥିଲେ । ତେଣୁ ସେମାନେ ତାଙ୍କର ସାହାଯ୍ୟ ସହଯୋଗକୁ ବନ୍ଦ କରିଦେଲେ । ଏକଥା ବହୁତ ବିଶେଷଜ୍ଞମାନେ, ଦେଖିବା ବାଲା ବୁଦ୍ଧିଜିବୀମାନେ ଓ ବାସ୍ତବିକତାକୁ ବୁଝିଥିବା ଲୋକମାନେ ଲେଖୁଛନ୍ତି ଯେ, ଏହି ଯେଉଁ ଦାଇଶ୍ ଥିଲା ବା ଖିଲାଫତ୍‌ର ଏକ ବ୍ୟବସ୍ଥା ଚଳାଇବା ପାଇଁ ଚେଷ୍ଟା କରିଥିଲେ ତାହା ସେମାନଙ୍କର (ଅର୍ଥାତ ସେହି ଶକ୍ତିଶାଳୀ ଇସ୍‌ଲାମୀ ବିରୋଧି ରାଷ୍ଟ୍ରମାନଙ୍କର) ଅନୁଗ୍ରହ ପୂର୍ବକ ଥିଲା । ସେମାନଙ୍କ ଯୋଗୁଁ ଚାଲିଥିଲା । କାରଣ ସେମାନେ ଏକଥା ମଧ୍ୟ ଲେଖୁଛନ୍ତି ଯେ ସେମାନଙ୍କ ସାହାଯ୍ୟ ବିନା ଏହି ଲୋକମାନେ (ଅର୍ଥାତ ISIS) ସରକାରଙ୍କ ବିରୋଧିରେ ଏତେ ଲମ୍ବା ସମୟ ପର୍ଯ୍ୟନ୍ତ ଯୁଦ୍ଧ କରିପାରିନଥାନ୍ତେ ।

ପୁଣି ଯେତେବେଳେ ଏକଥା ଦେଖିଲେ ଯେ, ସେମାନଙ୍କର ଉଦ୍ଦେଶ୍ୟ ପ୍ରଥମତ ହାସଲ ହେଉନାହିଁ ଓ ଦ୍ୱିତୀୟତ ସେମାନଙ୍କ ଦେଶରେ ଯେତେବେଳେ ଏହାର ପ୍ରଭାବ ପଡ଼ିବାକୁ ଲାଗିଲା ସେତେବେଳେ ସେମାନେ ଚାହିଁଲେ ଯେ, ଏହାକୁ ଏବେ ଶେଷ କରିଦିଆଯାଉ । ସେମାନେ ଯେଉଁ ଚକ୍ରାନ୍ତ ଚଳାଇଥିଲେ ଓ ଚେଷ୍ଟା କରିଥିଲେ ଯେ, ଇସ୍‌ଲାମ୍‌କୁ କିପରି ଦୃବଳ କରିଦିଆଯାଉ ବୋଲି ସେଥିରେ ଅସଫଳ ହେବାର ଦେଖି ଏପରି କଲେ । ସେ ଯାହା ହେଉ ସେମାନଙ୍କର ଅସଲ ଉଦ୍ଦେଶ୍ୟ ଥିଲା ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକର ଶକ୍ତିକୁ ଦୃବଳ କରିବା, ସେମାନଙ୍କର ଅର୍ଥନିତୀ ଉପରେ କବ୍‌ଜା କରିବା ଏବଂ ସେମାନଙ୍କୁ ନିଜ ଅଧିନରେ ରଖିବା ଓ ଏକଥା ସର୍ବଦା ସେମାନେ ଚାହୁଁଛନ୍ତି ଯେ, ସାରା ଦୁନିଆରେ ସେମାନଙ୍କର ଆଧିପତ୍ୟ ବିସ୍ତାର ହେଉ ଯେପରି କି ମୁଁ ପୂର୍ବରୁ ଏକଥା କହିସାରିଛି ଯେ ସେମାନେ ପ୍ରଥମେ ମଧ୍ୟ କରୁଥିଲେ ଏବେ ମଧ୍ୟ କରିଚାଲିଛନ୍ତି ଓ ଆଗକୁ ମଧ୍ୟ କରିବେ । କେତେବେଳେ ଦେଶକୁ ଦେଶ ମଧ୍ୟରେ ଲଢ଼ାଇ କରି ଓ ଆଉ କେତେବେଳେ ଅନ୍ୟ କୌଣସି ଆଳ ଦେଖାଇ ସେମାନଙ୍କର ଏ ଚେଷ୍ଟା ରହିଛି ଯେ, ଏହି ମୁସଲମାନ ରାଷ୍ଟ୍ରଗୁଡ଼ିକ ଉପରେ ତାଙ୍କର କବ୍‌ଜା ରହୁ ଓ ମୁସଲମାନମାନେ କେବେ ବି ଏକତ୍ରିତ ନହୁଅନ୍ତୁ । ଆୟରଲ୍ୟାଣ୍ଡ ଗସ୍ତ ସମୟରେ ଜଣେ ପତ୍ରକାର ମତେ ପ୍ରଶ୍ନ କଲେ ଯେ, ପ୍ରଥମେ ସନ୍ତ୍ରାସବାଦ ଓ ବିଦ୍ରୋହୀ ଗୋଷ୍ଠୀଗୁଡ଼ିକ ସରକାରଙ୍କ ବିରୋଧରେ ମୁଣ୍ଡ ଟେକୁଥିଲେ । ତେଣୁ ଅସଫଳ ହେଉଥିଲେ କିନ୍ତୁ ଏବେ ତ ଖିଲାଫତ ବ୍ୟବସ୍ଥା ସ୍ଥାପନ ହୋଇଯାଇଛି ତେଣୁ ମୁସଲମାନମାନେ ଖିଲାଫତ ନାମରେ ଏକାଠି ହେଉଛନ୍ତି ତେଣୁ ଏ ବିଷୟରେ ଆପଣଙ୍କର କଣ ମତ ରହିଛି ? ମୁଁ ସେହି କ୍ଷଣି ତାଙ୍କୁ ଉତର ଦେଇଥିଲି ଯେ, ଏହା ମଧ୍ୟ ବାକି ସେହି ଚରମପନ୍ଥୀ ସଂଘଠନ ପରି ବା ସନ୍ତ୍ରାସବାଦ ଗୋଷ୍ଠୀଙ୍କ ପରି ଗୋଟିଏ ଦଳ । ଯେଉଁଭଳି ପ୍ରଥମେ ଦଳଗୁଡ଼ିକ ଅଶାନ୍ତି ସୃଷ୍ଟି କରୁଥିଲେ ସେହିଭଳି ଏମାନେ ମଧ୍ୟ ଅଶାନ୍ତି ସୃଷ୍ଟି କରିବା ଛଡ଼ା ଆଉ କିଛି ହାସଲ କରିପାରିବେ ନାହିଁ । ଏମାନଙ୍କର ପରିଣାମ ମଧ୍ୟ ତାଙ୍କଠାରୁ ଆହୁରି ଅଧିକ ଭୟାବହ ହେବ । ନିଜେ ଖୋଳିଥିବା ଗାଡ଼ରେ ନିଜେ ପଡ଼ି ମରିବେ । କାରଣ ଖିଲାଫତକୁ ପ୍ରତିଷ୍ଠା କରିବା ହେଉଛି ଅଲ୍ଲାଃ ତାଲାଙ୍କ କାର୍ଯ୍ୟ । ସୁତରାଂ ଆମେ ଦେଖୁଛେ ଯେ, ତିନି ଚାରିବର୍ଷ ଭିତରେ ଯେଉଁ ଖିଲାଫତ୍‌ର ବହୁତ ବଡ଼ ସ୍ୱର ଉଠିଥିଲା ତାହା ଏବେ ଶେଷ ହୋଇଯାଇଛି । ତିନି ଚାରିବର୍ଷ ଭିତରେ କେବଳ ତାଙ୍କର ଅଳ୍ପକିଛି ଲୋକ ରହିଯାଇଛନ୍ତି । ସମ୍ଭବତଃ ସେମାନେ ମଧ୍ୟ ଉକ୍ତ ଦେଶଗୁଡ଼ିକୁ ଭୟଭୀତ କରିବାପାଇଁ ନିଜର ଅଧିନରେ ଏହି ତଥାକଥିତ ସଂଘଠନ ଓ ଦଳକୁ ରଖିଛନ୍ତି ନଚେତ ସେମାନେ ଏଭଳି Survive କରିପାରିନଥାନ୍ତେ । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ଏ ବିଷୟରେ ସତର୍କ କରାଇ ଦୁଆ ମଧ୍ୟ ଶିଖାଇଛନ୍ତି ଯେ, ଶେଷ ଯୁଗରେ ଯେତେବେଳେ ଖାତ୍‌ମୁଲ୍ ଖୋଲ୍‌ପାଆଙ୍କ ଯୁଗ ଆସିବ ସେତେବେଳେ ଅନ୍ଧକାରକୁ ବଢ଼ାଉଥିବା ଶକ୍ତିଶାଳି ରାଷ୍ଟ୍ରଗୁଡ଼ିକଙ୍କ ଠାରୁ ନିଜକୁ ବଂଚାଇବା ପାଇଁ ଅଲ୍ଲାଃ ତାଲାଙ୍କ ଶରଣରେ ଦେବାକୁ ଚେଷ୍ଟା ମଧ୍ୟ କରିବ ଏବଂ ତତ୍‌ସହିତ ଦୁଆ ମଧ୍ୟ କରିବ । ମୁସଲମାନମାନଙ୍କର ଏକତାକୁ ପୂର୍ବଠାରୁ ଅଧିକା ଭାଙ୍ଗିଦେବା ପାଇଁ ଚେଷ୍ଟା କରିବ ଯେମିତି କି ମୁଁ କହିସାରିଛି ଯେ ବର୍ତମାନ ଏହିଭଳି ପରିସ୍ଥିତିକୁ ଆମେ ଦେଖୁଅଛେ, ସେତେବେଳେ ତୁମେମାନେ ଅଲ୍ଲାଃଙ୍କ ଶରଣକୁ ଆସିବାପାଇଁ ଦୁଆ କରିବ ଏବଂ ସେହି ଇସ୍‌ଲାମ୍‌ର ଦ୍ୱିତୀୟ ଯୁଗ ଯେଉଁଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପଦାର୍ପଣ କରିଛନ୍ତି ତାହା ହେଉଛି ସୁବହ୍ ସାଦିକ୍ (ପ୍ରତ୍ୟୁଷ), ଯେଉଁ ଯୁଗରେ ସେହି ସିରାଜେ ମୁନିର୍ (ଜାଜ୍ୱଲ୍ୟମାନ ସୂର୍ଯ୍ୟ) ଚମକି ଉଠିବ ଓ ଯିଏ ଏ ପୃଥିବୀକୁ ଆଲୋକିତ କରିବାପାଇଁ ୧୪ଶହ ବର୍ଷ ପୂର୍ବେ ଆସିଥିଲେ, ସେତେବେଳେ ଅଲ୍ଲାଃ ତାଲା କହୁଛନ୍ତି ଯେ ମୋ ଶରଣରେ ଆସି ସେହି ଆବିର୍ଭାବ ହୋଇଥିବା ଶେଷ ଖଲିଫାଙ୍କ ସହିତ ଯୋଡ଼ି ହୋଇଯିବ କିନ୍ତୁ ଦୁର୍ଭାଗ୍ୟ ବସତଃ ମୁସଲମାନମାନଙ୍କର ଅଧିକାଂଶ ଏହି ଈଶ୍ୱରିୟ ସଚେତନତା ପ୍ରତି କର୍ନପାତ କରୁନାହାନ୍ତି, ଅଲ୍ଲାଃ ତାଲା ଯେଉଁ ଦୁଆଗୁଡ଼ିକ ବତାଇଛନ୍ତି ତାହା ପ୍ରତି ଧ୍ୟାନ ଦେଉନାହାନ୍ତି ଓଲଟା ଶତ୍ରୁମାନଙ୍କ ଜାଲରେ ପଡ଼ି ଅନ୍ଧକାର ଭିତରକୁ ଚାଲିଯାଉଛନ୍ତି । ସଇତାନ ସବୁବେଳେ ମଣିଷ ସହିତ ଲାଗିରହିଛି ।

ଅହେମଦୀମାନଙ୍କୁ ମଧ୍ୟ ଏକଥା ଭାବିବା ଉଚିତ ନୁହେଁ ଯେ, କେବଳ ମାନିନେବା ଦ୍ୱାରା ଆମେ ସୁରକ୍ଷିତ ହୋଇଗଲୁ । ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ତିନୋଟି **କୁଲ୍** ରାତି ସମୟରେ ଶୋଇବାବେଳେ ପଢ଼ିବାପାଇଁ ଉପଦେଶ ଦେଇଥିଲେ ତାହା ଏଥିଯୋଗୁଁ କି ନିଜକୁ ଅଲ୍ଲାଃ ତାଲାଙ୍କ ଶରଣାଗତ ହେବାପାଇଁ ଦୁଆ ମଧ୍ୟ କରିଚାଲ ଏବଂ ଖିଲାଫତ୍‌ର କୃପାରୁ ଲାଭ ଉଠାଇବା ପାଇଁ ଖିଲାଫତ୍ ସହିତ ସର୍ବଦା ଯୋଡ଼ି ହୋଇ ମଧ୍ୟ ରୁହ ଓ ତାହାର ଆଜ୍ଞାବହତା ସ୍ୱୀକାର କରିବାପାଇଁ ମଧ୍ୟ ଯଥା ସମ୍ଭବ ଚେଷ୍ଟା କର ନଚେତ ଯେଉଁ ଇସାଇ ଅଛନ୍ତି ସେମାନେ ତୁମମାନଙ୍କ ଉପରେ ମଧ୍ୟ ଆକ୍ରମଣ କରିପାରନ୍ତି । ଅର୍ଥାତ ଯେଉଁ ବିରୋଧିମାନେ ଅଛନ୍ତି ଏବଂ ଯେଉଁ ମୁନାଫିକ୍‌ମାନେ ଅଛନ୍ତି ସେମାନେ ମେହେଦୀଙ୍କ ଯୁଗରେ ଉନ୍ନତିକୁ ଦେଖି ଖିଲାଫତର କୃପାରୁ ବଂଚିତ କରିବାପାଇଁ ଚେଷ୍ଟା କରିବେ ।........... କେତେକ ସ୍ଥାନରେ ଆମର କେତେ ଲୋକଙ୍କ ସହିତ ଚର୍ଚ୍ଚା ହୋଇଛି ସେମାନଙ୍କର ଡ଼ିପ୍ଲୋମାଟସ୍ ଏକଥା ପ୍ରକାଶ କରିଛି ଯେ, ଆମେ ବାକି ଲୋକମାନଙ୍କୁ ଅର୍ଥାତ ମୁସଲମାନ ଗୋଷ୍ଠୀଗୁଡ଼ିକୁ ଓ ଲିଡ଼ରମାନଙ୍କୁ ତ କାବୁ କରିନେଇଛୁ କିନ୍ତୁ ଅହେମଦୀମାନଙ୍କୁ ଆମେ କାବୁ କରିପାରୁନାହୁଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମଧ୍ୟ ଅଲ୍ଲାଃ ତାଲା ଐଶିବାଣୀ କରି କହିଥିଲେ ଯେ, ନା' ତ ଏହି ଦଜ୍ଜାଲି ଶକ୍ତିଗୁଡ଼ିକ କେବେ ବିଜୟ ହାସଲ କରିପାରିବେ ଏବଂ ପୁଣି ଏ ଯୁଗରେ ଯେବେ ଫ୍ରିମେଶିନ୍‌ର ଜୋର୍ ଥିଲା ସେତେବେଳେ ଫ୍ରିମେସିନ୍ସ ତୁମ ଉପରେ ପ୍ରଭାବ ପକାଇ ପାରିବ ନାହିଁ ।

*(ତଜ୍‌କରାଃ ପୃଷ୍ଠା-୩୩୬, ଚତୁର୍ଥ ଏଡ଼ିସନ୍)*

*କ୍ରମଶଃ......*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**